# ଛୁଟିଦିନ


Pitambari®
ଶାଇନିଂ ପାଉଡ଼ର
ପିତାମ୍ବରୀ ଦ୍ୱାରା ପୂଜା ସାମଗ୍ରୀର
ଶୁଦ୍ଧତା ବଜାୟ ରଖି ଆଧ୍ୟାତ୍ମିକତାର ସହିତ
ମହାପ୍ରଭୁ ଜଗନ୍ନାଥଙ୍କ ପୂଜା କରନ୍ତୁ ।
THE ORIGINAL & NO. 1 BRAND
Always Shines Bright Since 1989
The Original & No.1 Brand
Pitambari®
Shining Powder Copper, Brass, Aluminium, Iron, Silver & Steel
Pleasant Fragrance
Extra Power for 6 Metals
Now for Steel also
STEEL
COPPER
BRASS
ALUMINIUM
IRON
SILVER
An ISO 9001:2008 Registered Company
FREE SAMPLE!
ଯଦି ଆପଣ ଏହି ବିଜ୍ଞାପନରେ ସଂଲଗ୍ନ
ହୋଇଥିବା ମାଗଣା ନମୁନା ଗ୍ରହଣ କରି ନାହାଁନ୍ତି ତେବେ
ନିମ୍ନ ନମ୍ବରରେ ଯୋଗାଯୋଗ କରନ୍ତୁ ।
ତେନ୍ତୁଳି, ଲେମ୍ବୁ ଏବଂ ପାଉଁଶରେ ସଫା କରିବା ଭୁଲିଯାଆନ୍ତୁ ।
ଏକ ନୂଆ ପରି ଚମକ ପାଇବା ପାଇଁ ପିତାମ୍ବରୀ ଶାଇନିଂ ପାଉଡର ବାଛନ୍ତୁ ।
15, 30, 50, 100, 150, 200 ଗ୍ରାମ
ଏବଂ 1 କେଜି ପ୍ୟାକ୍‌ରେ ପିତାମ୍ବରୀ
ଶାଇନିଂ ପାଉଡର ଉପଲବ୍ଧ ।
Pitambari Products Pvt. Ltd.: Odisha: 7752023380, 8327700193. CRM No.: 8450971397.
Toll Free: 18001031299. CIN: U74110MH1989PTC051314.
www.pitambari.com/shop
ପାଉଡର ବ୍ୟବହାର
କରିବାର ପଦ୍ଧତି ବିଷୟରେ
ଜାଣିବା ପାଇଁ କୋଡ୍
ସ୍କାନ୍ କରନ୍ତୁ ।

# ଘଣ୍ଟାକୁ ନେଇ ବାସ୍ତୁ

**ସମୟ ଜାଣିବା ପାଇଁ ଘରେ କାନ୍ଥ ଘଣ୍ଟା ଲଗାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘଣ୍ଟା ଲଗାଇବା ପାଇଁ ସଠିକ୍ ଦିଗର ଚୟନ କରିବା ବି ଅତ୍ୟନ୍ତ ଜରୁରୀ ହୋଇଥାଏ; ନଚେତ୍ ଏହାର କୁପ୍ରଭାବ ଆମ ଜୀବନଶୈଳୀ ଉପରେ ପଡିଥାଏ ବୋଲି ବିଶ୍ୱାସ ରହିଛି..**

* ଘଣ୍ଟାକୁ ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଯେହେତୁ ଦକ୍ଷିଣ ଦିଗ ହେଉଛି ଯମରାଜଙ୍କର ଦିଗ ତେଣୁ ସେହି ଦିଗରେ ଘଣ୍ଟା ଲଗାଇବା ଉଚିତ୍ ନୁହେଁ। କାରଣ ଏହାଦ୍ୱାରା ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଖାସ୍ କରି ଆୟୁ ଓ ସ୍ୱାସ୍ଥ୍ୟହାନୀର ଏହା କାରଣ ସାଜିଥାଏ।



* ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟା ଲଗାଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଘରେ ସର୍ବଦା କଳହ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ଘଣ୍ଟାକୁ ସବୁବେଳେ ସଫା ରଖିବା ଆବଶ୍ୟକ। ଏହା ଉପରେ ଧୂଳି ଜମିବାକୁ ଦିଅନ୍ତୁ ନାହିଁ। ଭାଙ୍ଗି ଯାଇଥିବା କିମ୍ବା ଅଚଳ ଘଣ୍ଟାକୁ ଆଦୌ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ଅଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ଅନ୍ୟପକ୍ଷେ ଘଣ୍ଟାକୁ କେବେ ବି ବିଳମ୍ବରେ ଚାଲିବାକୁ ଦେବେ ନାହିଁ। ଆବଶ୍ୟକ ପଡିଲେ ଏହାର ସମୟକୁ ଦୁଇ/ତିନି ମିନିଟ୍ ଆଗକୁ ପଛେ କରିଦେବେ ହେଲେ ଆଦୌ ଡେରୀ ହେବାକୁ ଦେବେନି। କାରଣ ଏହା ପରିବାର ଲୋକଙ୍କ ଉପରେ ସମୟାନୁବର୍ତ୍ତିତାର ପ୍ରଭାବ ପକାଇଥାଏ।
* ଘରର ହଲ୍‌ରେ ପେଣ୍ଡୁଲମ୍ ଘଣ୍ଟା ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧-୭**

**ମେଷ**
ନୂତନ ଯୋଜନାରମ୍ଭ, ଯାତ୍ରାରେ ସଫଳତା, ଅନୁଷ୍ଠାନରୁ ପ୍ରୋତ୍ସାହନ ମିଳିବ, ଆଲୋଚନାରେ ଭୁଲ୍ ବୁଝାମଣା, ପାରିବାରିକ ଅଶାନ୍ତି, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ବ୍ୟବସାୟିକ ଉନ୍ନତି, ନିଯୁକ୍ତି ଖବର, ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେବେ ॥

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି, ଦୂରଯାତ୍ରାର ଯୋଜନା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଆମୋଦ ପ୍ରମୋଦର ପରିବେଶ, ନୂଆ ସମ୍ପର୍କ ଯୋଡିବେ, ଚାପଗ୍ରସ୍ତ ହୋଇପାରନ୍ତି, ଆନୁଷ୍ଠାନିକ ସହାୟତାପ୍ରାପ୍ତି, ବିବାଦରେ ବିଜୟ ॥

**ମିଥୁନ**
ନୀତିଗତ କାମରୁ ପ୍ରଶଂସା, ବନ୍ଧୁଙ୍କ ସାହାଯ୍ୟ ପାଇବେ, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ବନ୍ଧୁମିଳନ, ବକେୟା ଅର୍ଥ ଲାଭ, ଭ୍ରମଣପ୍ରିୟ ହେବେ, ପରିବହନରେ ସମସ୍ୟା, ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା, ଧର୍ମକାର୍ଯ୍ୟରେ ରୁଚି ॥

**କର୍କଟ**
ପାରିବାରିକ କଳହ, ଆମଦାନି କାରବାରରେ ବାଧା, ବନ୍ଧଙ୍କୁ ସହଯୋଗ ମିଳିବ, ଅତିଥି ଚର୍ଚ୍ଚାରୁ ଆତ୍ମତୃପ୍ତି, ବନ୍ଧୁ ସମ୍ପର୍କ ହ୍ରାସ, ମାନସିକ ଅଶାନ୍ତି, ଶିଳ୍ପ ପରିବହନରେ ଉନ୍ନତି, ବିଳାସ ବ୍ୟସନରେ ଆଗ୍ରହ ॥

**ସିଂହ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପାରିବାରିକ ସହଯୋଗ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ, ଆର୍ଥିକ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଯାତ୍ରାରେ ସଫଳତା, ଯାନ୍ତ୍ରିକ ଜିନିଷ କ୍ରୟ, ସନ୍ତାନଙ୍କ ଗୌରବ, ଋଣ ପରିଶୋଧ ॥

**କନ୍ୟା**
ଶାରୀରିକ ଅସୁସ୍ଥତା, ଆର୍ଥିକ ଦୂରବସ୍ଥା, ଆତ୍ମୀୟଙ୍କ ଅସହଯୋଗ, ହିତୈଷୀଙ୍କ ପରାମର୍ଶ, ପାରିବାରିକ ସମର୍ଥନ, ସହକର୍ମୀଙ୍କ ସହାନୁଭୂତି, ବକେୟା ଅର୍ଥପ୍ରାପ୍ତି, କଚେରୀ ମାମଲା, କ୍ରନିକ୍ ରୋଗପୀଡା, ସ୍ତ୍ରୀଙ୍କ ପରାମର୍ଶ, ସତ୍‌ସଙ୍ଗର ସୁଯୋଗ, ସ୍ଥାନାନ୍ତର ଚିନ୍ତା ॥

**ତୁଳା**
ମାନସିକ ଅସ୍ଥିରତା, ବୈଷୟିକ ଅଭିବୃଦ୍ଧି, ଶାରୀରିକ ଦୁର୍ବଳତା, ଯାନବାହନର ନବୀକରଣ,ବନ୍ଧୁଙ୍କ ବଦାନ୍ୟତା, କାରବାରରେ ସମସ୍ୟା, ସାମାଜିକ ପ୍ରତିଷ୍ଠା, ସହକର୍ମୀଙ୍କ ସାହାଯ୍ୟ, ପ୍ରଶାସନିକ ସଫଳତା, ଯାନବାହନରେ ତ୍ରୁଟି, ନିର୍ମାଣରେ ବାଦାନୁବାଦ।।

**ବିଛା**
ମାନସିକ ଅଶାନ୍ତି, ବନ୍ଧୁଙ୍କ ପ୍ରତାରଣା, ସ୍ଥଗିତ କର୍ମାରମ୍ଭ, ଅପ୍ରିୟ ଭାଷଣରୁ କଳହ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ବିଳମ୍ବ, ଧର୍ମକାର୍ଯ୍ୟରେ ଆଗ୍ରହ, ଚକ୍ଷୁକର୍ଣ୍ଣ ପୀଡା, ପରୋପକାର ପ୍ରବୃତ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବେ ॥

**ଧନୁ**
ବିବାଦୀୟ ପରିସ୍ଥିତି, ପାରିବାରିକ ବିଶୃଙ୍ଖଳା, ଜମି ଜମା କଳହ, ଭାରାକ୍ରାନ୍ତ ମନ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, ସତ୍‌ସଙ୍ଗର ସୁଯୋଗ, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟବନ୍ଧୁଙ୍କ ସାନ୍ନିଧ ॥

**ମକର**
କାର୍ଯ୍ୟ ଦକ୍ଷତାରୁ ପ୍ରଶଂସା, ପଦାଧିକାରୀଙ୍କ ପ୍ରୋତ୍ସାହନ, ସ୍ୱଜନଙ୍କ ସହଯୋଗ, ପଡୋଶୀଙ୍କ କୁତ୍ସାରଟନା, ସନ୍ତାନଙ୍କ ଅଳି, ନିର୍ମାଣରେ ବିବାଦ, ସମ୍ପର୍କରେ ଉନ୍ନତି, କଲ୍ୟାଣମୂଳକ କାର୍ଯ୍ୟ, ସଙ୍ଗୀତ ସାଧନାରେ ରୁଚି ॥

**କୁମ୍ଭ**
ଆରୋଗ୍ୟ ଲାଭ, ଆର୍ଥିକ ଅନଟନ, ବୁଝାମଣାରେ ଉନ୍ନତି, ସନ୍ତାନଙ୍କ କୃତିତ୍ୱ, ସରକାରୀ ସାହାଯ୍ୟ, ଧର୍ମଚର୍ଚ୍ଚାର ଆୟୋଜନ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟା ସମାଧାନ, ସ୍ଥଗିତ କର୍ମାରମ୍ଭ, ପାରିବାରିକ ସମସ୍ୟା, କଲ୍ୟାଣମୂଳକ କାମ, ଉନ୍ନତ ଚିନ୍ତା ॥

**ମୀନ**
ଅର୍ଥ ଓ ସମ୍ମାନ ଲାଭ, ବିଳାସପ୍ରିୟ ହେବେ, ଆଲୋଚନାରେ ସଫଳତା, ବୁଝାମଣାରେ ଉନ୍ନତି, ଅଧାପନ୍ତରିଆ କାମ, ବିଶ୍ୱାସରୁ ହଇରାଣ, ଆଇନ ସହାୟତା, ବିବାଦରେ ବିଜୟ, ଗୃହଜମି ଲାଭ, ନିଯୁକ୍ତି ଖବର, ମିତ୍ରତା ବୃଦ୍ଧି ॥

# ଶଙ୍ଖର ମହତ୍ତ୍ୱ

ବିଷ୍ଣୁ ପୁରାଣ ଅନୁଯାୟୀ, ଯେହେତୁ ମାତା ଲକ୍ଷ୍ମୀ ହେଉଛନ୍ତି ସମୁଦ୍ରରାଜଙ୍କର କନ୍ୟା, ତେଣୁ ଶଙ୍ଖର ମାହାତ୍ମ୍ୟତା ସହିତ ମହାଲକ୍ଷ୍ମୀଙ୍କର ମଧ୍ୟ ସାମଞ୍ଜସ୍ୟ ରହିଛି। ତେଣୁ କୁହାଯାଏ, ଯେଉଁଠାରେ ଶଙ୍ଖ ରହିଥାଏ ସେଠାରେ ମାତା ଲକ୍ଷ୍ମୀଙ୍କର ବାସ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁସାରେ ବି ଶଙ୍ଖକୁ ପୂଜାସ୍ଥଳୀରେ ରଖିଲେ କିମ୍ବା ଏହାକୁ ନିୟମିତ ବଜାଇଲେ ଶତ୍ରୁ ନାଶ ହେବା ଓ ସୌଭାଗ୍ୟ ପ୍ରାପ୍ତ ହେବା ସହିତ ପିତୃପୁରୁଷ ଶାନ୍ତି ପାଇଥାନ୍ତି ବୋଲି ବିଶ୍ୱାସ କରାଯାଏ। ସେହିପରି ଘରର କୌଣସି ଦିଗରେ ଯଦି କିଛି ବାସ୍ତୁଦୋଷ ରହିଥାଏ, ତା'ହେଲେ ସେହି ସ୍ଥାନରେ ଶଙ୍ଖଟିଏ ରଖିଲେ ବାସ୍ତୁଦୋଷ ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ଶଙ୍ଖ ମଧ୍ୟରେ ଜଳ ଭର୍ତ୍ତି କରି ତାହାକୁ ଘରର ଐଶାନ୍ୟ କୋଣରେ ରଖିଲେ ପରିବାର



ଲୋକଙ୍କ ମଧ୍ୟରେ ସମ୍ପର୍କ ଦୃଢିଭୂତ ହୁଏ ବୋଲି ମାନ୍ୟତା ଅଛି। ଅନ୍ୟପକ୍ଷେ, ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ଶଙ୍ଖର କିଛିଟା ବିଶେଷ ମହତ୍ତ୍ୱ ରହିଛି। ମାନ୍ୟତା ଅଛି କି, ଶଙ୍ଖ ଧ୍ୱନି ବାତାବରଣକୁ ଶୁଦ୍ଧ କରିଥାଏ। କୁହାଯାଏ, ଏହାର ଧ୍ୱନି ଯେତେ ଦୂର ପର୍ଯ୍ୟନ୍ତ ଶୁଭାଯାଏ, ସେତେ ଦୂର ପର୍ଯ୍ୟନ୍ତ ଅଦୃଶ୍ୟ ଭାବେ ରହିଥିବା ସମସ୍ତ ଜୀବାଣୁ ଆପେ ଆପେ ନଷ୍ଟ ହୋଇଯାଇଥାନ୍ତି।

# ପାଠକୀୟ

* ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ହିଁ ଏହାକୁ ଦେଇଥିଲା ସବୁଜ ସ୍ୱର୍ଣ୍ଣର ଆଖ୍ୟା। ଏବେ ବି ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ସୌଖୀନ ଘରସଜ୍ଜା ସାମଗ୍ରୀ ଯାଏ ସବୁଠି ରହିଛି ବାଉଁଶର ଆଦର। ତେଣୁ ବାଉଁଶ ବା 'ସବୁଜ ସ୍ୱର୍ଣ୍ଣ'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ଭଲ ଥିଲା। 'ସ୍ୱପ୍ନର ସଙ୍କେତ', 'ସୌଭାଗ୍ୟ ଆଣେ ହାତୀ ପ୍ରତୀମା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ***– ଚନ୍ଦ୍ରିକା ସାହୁ, ବମିଖାଲ, ଭୁବନେଶ୍ୱର***
* ବାଉଁସ ଘାସ ପ୍ରଜାତି ମଧ୍ୟରେ ସବୁଠୁ ଉଚ୍ଚତମ ଓ ଶକ୍ତିଶାଳୀ। ଏହାର ଦ୍ରୁତବେଗରେ ବୃଦ୍ଧି ଘଟିଥାଏ। ଏହା ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। କେଉଁ ପୁରୁଣା ସମୟରୁ ଆଜିଯାଏ ଏହା ବିଭିନ୍ନ ଆବଶ୍ୟକତା ମେଣ୍ଟାଇବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଆସୁଛି। ତେଣୁ ବାଉଁଶକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜ ସ୍ୱର୍ଣ୍ଣ'ଟି ଏକ ଉପାଦେୟ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ପୂଜା ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***– ଭବାନୀ ପୃଷ୍ଟି, ଚାଉଳିଆଗଞ୍ଜ, କଟକ***

* ବ୍ୟକ୍ତିତ୍ୱ ପୃଷ୍ଠାରୁ 'ସୁଧା ମୂର୍ତ୍ତି'ଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଭଙ୍ଗା ସିଲଟ' ଶୀର୍ଷକ ଗପ ତଥା 'ଏମିତି କ'ଣ ମୁଁ ଚାହୁଁଥିଲି ଯେ', 'ତୁମେ ଓ ମୁଁ' ଶୀର୍ଷକ କବିତା ଦୁଇଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଭାବି ନଥିଲେ ରାଧିକା', 'ନାମ ପଛର କଥା', 'ଅପେକ୍ଷା ନଭେମ୍ବରକୁ' ଆଦି ପାଠର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା।

***– ରୋହିତ କୁମାର ତ୍ରିପାଠୀ, ତୁମୁଡ଼ିବନ୍ଧ, କନ୍ଧମାଳ***

* ଶିକ୍ଷକ ତଥା ସାହିତ୍ୟିକ ପଞ୍ଚାନନ ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ମ୍ୟାଜିକ୍ ପେନ୍' ଶୀର୍ଷକ ପାଠରୁ କେତେକ ଅଜବ ଡିଜାଇନ୍‌ର ପେନ୍ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ ମନୀଷା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ହିଡିମ୍ବା ଦେବୀ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***– ପ୍ରଭାତ କୁମାର ଦାସ, ଆଠଗଡ଼***

* ବିବିଧା ପୃଷ୍ଠାରୁ 'ମୋତି' ସମ୍ପର୍କର ବହୁ ଉପାଦେୟ କଥା ଜାଣିହେଲା। 'ଡମ୍ବରୁ ବାଜେ' ଶୀର୍ଷକ ବ୍ୟଙ୍ଗଟି ବି ବେଶ୍ ଶିକ୍ଷଣୀୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦାମୀ ଶାଢି', 'ଗୋଲ୍ଡ ପ୍ଲେଟେଡ ଦୋସା', 'ଏଲଇଡି ସ୍ଲିପର୍ସ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ହୋଇଥିଲା।

***– ତନ୍ମୟା ସେଠୀ, ଯାଜପୁର ଟାଉନ୍***

## ବିଶେଷ ଚିଠି




ସବୁଜ ସ୍ୱର୍ଣ୍ଣ ଥିଲା ଏଥରର ପ୍ରଚ୍ଛଦ
ବାଉଁଶ ବିଷୟରେ ଜାଣିହେଲା
ଅନେକ ଅଜଣା କଥାମାନ।
ସିନେମା, ସୃଜନ ବି ଲାଗୁଥିଲା ଚମତ୍କାର
ସାଥୀର ଉତ୍ତର କରୁଥିଲା ବିଭୋର
ସେଥିପାଇଁ ଛୁଟିଦିନ ତୁମେ
ସଭିଙ୍କର ପ୍ରିୟତର।

***– ପ୍ରିୟମ୍ବଦା ସାମନ୍ତରାୟ, ପୋଖରୀପୁଟ, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ଧରିତ୍ରୀ
DHARITRI
October 1-7, 2023

ଛୁଟିଦିନ

# ଅଭିନୟରେ ଗାନ୍ଧୀ

ଏମାନେ ଜଣେ ଜଣେ ଅଭିନେତା। କିନ୍ତୁ ଗାନ୍ଧୀ ଚରିତ୍ରରେ ଅଭିନୟ ହିଁ ତାଙ୍କୁ ଦେଇଛି ପରିଚୟ। କିଏ ନାଟକରେ ଗାନ୍ଧୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ତ କିଏ ବାର୍ନିସ ବୋଲି ହୋଇ ରାସ୍ତାରେ ଚାଲିଛନ୍ତି। ଗାନ୍ଧୀ ଚରିତ୍ରରେ ନିଜକୁ ସଜାଇ ପ୍ରଶଂସା ସାଉଁଟୁଥିବା ଏହି ଅଭିନେତାମାନଙ୍କ ସମ୍ପର୍କରେ...

ପ୍ରଚ୍ଛଦ ପ୍ରସଙ୍ଗ ୪









ସାଇରାମ

# ଅଭିନୟରେ ଗାନ୍ଧୀ

ଏମାନେ ଜଣେ ଜଣେ ଅଭିନେତା। କିନ୍ତୁ ଗାନ୍ଧୀ ଚରିତ୍ରରେ ଅଭିନୟ ହିଁ ତାଙ୍କୁ ଦେଇଛି ପରିଚୟ। କିଏ ନାଟକରେ ଗାନ୍ଧୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ତ କିଏ ବାର୍ନିସ ବୋଳି ହୋଇ ରାସ୍ତାରେ ଚାଲିଛନ୍ତି। ଗାନ୍ଧୀ ଚରିତ୍ରରେ ନିଜକୁ ସଜାଇ ପ୍ରଶଂସା ସାଉଁଟୁଥିବା ଏହି ଅଭିନେତାମାନଙ୍କ ସମ୍ପର୍କରେ...

ଦେଶକୁ ସ୍ୱାଧୀନ କରିବାରେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନର ମାର୍ଗ ସାରା ବିଶ୍ୱବାସୀଙ୍କୁ ଦେଖେଇ ଦେଇଥିଲା ଯେ ଶାନ୍ତିର ସ୍ୱର ବି କେତେ ପ୍ରଭାବଶାଳୀ ହୋଇପାରେ। ଯାହାଫଳରେ ଲକ୍ଷଲକ୍ଷ ଲୋକ ଗାନ୍ଧିଜୀଙ୍କ ବିଚାରଧାରା ପ୍ରତି ଆକୃଷ୍ଟ ହୋଇଥିଲେ। ଆଜି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଅନୁକରଣ କରୁଛନ୍ତି। କିନ୍ତୁ ଏହି ନୀତି ଆଦର୍ଶକୁ ବାଦ୍ ଦେଲେ ଏମିତି ବି କିଛି ଲୋକ ଅଛନ୍ତି ଯେଉଁମାନେ ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିବା ଓ ନିଜକୁ ଗାନ୍ଧୀଭାବେ ସଜାଇ ଲୋକଙ୍କ ପାଖକୁ ଆସିବାକୁ ଭଲ ପାଆନ୍ତି। କେହି ଏମାନଙ୍କୁ ସିଲ୍ଭର୍ ଗାନ୍ଧୀ କହନ୍ତି ତ କାହାକୁ ଗାନ୍ଧୀ ଅଜା। ଏମିତି ପରିଚୟରେ ପରିଚିତ ହେଉଥିବା ଓଡ଼ିଶାର କେତେଜଣ ଗାନ୍ଧୀ ଅଭିନେତାଙ୍କ ସମ୍ପର୍କରେ..

**ଗାନ୍ଧିଜୀଙ୍କ ଅଭିନୟରେ ନବୀନ ସାର୍:** ଅଭିନୟରେ ରୁଚି ରଖି ପ୍ରାୟ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ବହୁ ନାଟକର ନିର୍ଦ୍ଦେଶକ, ନାଟ୍ୟପ୍ରଶିକ୍ଷକ, ମଞ୍ଚକଳା ବିଶେଷଜ୍ଞ ଭାବରେ ଯାତ୍ରା, ଥିଏଟର, ଟିଭି ଧାରାବାହିକ ଓ ଚଳଚ୍ଚିତ୍ର ଆଦିରେ ସୃଷ୍ଟି କରିଛନ୍ତି ଭିନ୍ନ ପରିଚୟ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗର ଅଧ୍ୟାପକ, ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ୨୦୧୨ମସିହା ମାର୍ଚ୍ଚରେ ଅବସର ନେଇଛନ୍ତି। ସେ ହେଲେ ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା ନାଟ୍ୟକାର ନବୀନ ପରିଡ଼ା। ସେ କୁହନ୍ତି, ‘୨୦୨୦ମାର୍ଚ୍ଚ ୨୩ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ନାଟକ ‘ଗାନ୍ଧୀଙ୍କ ଓଡ଼ିଶା’ରେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଥିଲି। ଏହାର ଲେଖକ ଥିଲେ ଶଙ୍କର ତ୍ରିପାଠୀ। ସାରା ଓଡ଼ିଶାରେ ଖୁବ୍ ଚର୍ଚ୍ଚା ହୋଇଥିବା ଏହି ନାଟକଟି ସେତେବେଳେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। କୋଭିଡ୍ କଟକଣା ବେଳେ ସେଲୁନ ବନ୍ଦ ରହିଥାଏ । ଅଭିନୟ ପାଇଁ ନିଜେ ଲଣ୍ଡା ହେବାପାଇଁ ମୁଣ୍ଡରୁ ଚୁଟି କାଟୁଥିବା ବେଳେ ବ୍ଲେଡ୍‌ରେ ମୁଣ୍ଡ ଖଣ୍ଡିଆ ହୋଇଯିବାରୁ ଛାତ୍ରମାନେ ନିଜେ ମୋତେ ଲଣ୍ଡା କରିଥିଲେ। ଏହାବାଦ୍ ଗାନ୍ଧିଜୀଙ୍କ ଭୂମିକାରେ ଅଭିନୟ ପାଇଁ ଟେଲି ଫିଲ୍ମ-ଗାନ୍ଧୀ ଆସୁଛନ୍ତିରେ ଅଭିନୟ କରିଥିଲି। ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ୨୦୨୦ରେ ଏକ ଘରାଇ ଟିଭି ଚ୍ୟାନେଲ ଦ୍ୱାରା ପ୍ରାୟୋଜିତ ଗାନ୍ଧୀଙ୍କ ସମ୍ପର୍କରେ ଏକ ଶର୍ଟ ଫିଲ୍ମ ନିର୍ମାଣ ହେବା ପାଇଁ ଯୋଜନା ହେଲା । ଏଥିରେ ମୋତେ ଗାନ୍ଧିଜୀଙ୍କ ଚରିତ୍ରରେ ଅଭିନୟ ପାଇଁ କହିଲେ । ସେଥିପାଇଁ ଗାନ୍ଧିଜୀଙ୍କ ସମ୍ପର୍କରେ କେତେକ ଫଟୋ ଓ ଭିଡିଓକୁ ଦେଖିଲି। ସ୍ୱରାଜ ଆଶ୍ରମ ଏବଂ ପୁରୀଜିଲାର ବେରବୋଇ ଠାରେ ଶୁଟିଂ ପାଇଁ ଯାଇଥାଏ । ଗାନ୍ଧିଜୀଙ୍କ ଅଭିନୟ ପୂର୍ବରୁ ଏକ ଟେରିକଟ୍‌ର ଧୋତି ଦେଲେ ପିନ୍ଧିବାକୁ ଏହାକୁ ଦେଖି ମୁଁ ରୋକଠୋକ ମନାକରିଦେଲି। ଏହି ପୋଷାକ ଚଳିବ ନାହିଁ। ସେଠାରେ ଶୁଟିଂ ଦେଖିବାକୁ ଆସିଥିବା ଜଣେ ବୃଦ୍ଧ ମୋତେ କହିଲେ ଆପଣ ଯଦି କିଛି ନ ଭାବିବେ ମୋ ପାଖରେ ଥିବା କେତୋଟି ପୁରୁଣା ଖଦଡ଼ ଓ ଧୋତି ଆପଣଙ୍କୁ ଦେବି। ଏକଥା ଶୁଣି ମୁଁ ବହୁତ ଖୁସି ହୋଇଗଲି । ତା’ ପରେ ସେହି ଭଦ୍ରବ୍ୟକ୍ତିଙ୍କ ଘରୁ ଆଣିଥିବା ଖଦଡ଼ ଓ ଧୋତିକୁ ପିନ୍ଧି ଗାନ୍ଧୀବେଶରେ ଅଭିନୟ କରିଥିଲି। ଏକଥା ସବୁଦିନ ମୋର ମନେ ରହିବ। ପରବର୍ତ୍ତୀ ସମୟରେ ଆଉ ଏକ ସିନେମାରେ ଗାନ୍ଧିଜୀଙ୍କ ଚରିତ୍ରରେ ଅଭିନୟ ପାଇଁ ବାଣୀବିହାର ଅଞ୍ଚଳର ଜଣେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କଠାରୁ ସାଇତି ରଖିଥିବା କେତୋଟି ଖଦଡ଼କୁ ସଂଗ୍ରହକରି ଏବେ ଅଭିନୟରେ ବ୍ୟବହାର କରୁଛି। ଗାନ୍ଧୀଙ୍କ ବେଶରେ ଅଭିନୟ କରୁଥିବାରୁ ମୋତେ କେତେଜଣ କୁହନ୍ତି ଓଡ଼ିଶାରେ ଗାନ୍ଧୀ ଭୂମିକାରେ ଅଭିନୟ କରିବ କିଏ- ନବୀନ ସାର୍ ଆଉ କିଏ। ଏମିତି କଥା ଶୁଣିଲେ ମୋତେ ଖୁବ୍ ଆନନ୍ଦ ଲାଗେ।

**ଗାହାଣୀ ପର୍ବରେ ଗାନ୍ଧିଜୀଙ୍କ ବେଶ ହୁଏ:** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମପଞ୍ଚାୟତ । ଏହି ଗାଁର ତେଲୁଗୁ ସାହିରେ ପ୍ରତିବର୍ଷ ଆଶ୍ୱିନ ମାସର ତୃତୀୟାଠାରୁ ପ୍ରାୟ ୧୧ଦିନଧରି ପାରମ୍ପରିକ ରୀତିନୀତିରେ ମା’ ଗୌରୀଙ୍କ ଗାହାଣୀପର୍ବ ପାଳନ ହୋଇଥାଏ। ଏହି ପର୍ବର ଭସାଣି ଦିନ ମା’ ଗୌରୀଙ୍କୁ ସାହି ଭ୍ରମଣ ବେଳେ ପଟୁଆରରେ ମାନସିକଧାରୀମାନେ ବିଭିନ୍ନ ମହାପୁରୁଷ ଓ ବହୁରୂପୀଙ୍କ ବେଶଭୂଷାରେ ନିଜକୁ ସଜାଇ ବିଭିନ୍ନ ଲୋକକଳା ପରିବେଷଣ କରିଥାନ୍ତି। କିନ୍ତୁ ପ୍ରତିବର୍ଷ ଏହି ପଟୁଆରରେ ଜଣେ ଯୁବ କଳାକାର ଗାନ୍ଧିଜୀଙ୍କ →



ଟୁଟୁ ପାତ୍ର

ବେଶରେ ଅଭିନୟକରି ସାହି ବୁଲିଥାନ୍ତି। ସେ ହେଲେ ବିଜୟକୁମାର ପାତ୍ର, ଡାକ ନାମ ଟୁଟୁ। ସେ କୁହନ୍ତି, 'ସ୍କୁଲ ବୟସରେ ବାରବାଟୀ ହଷ୍ଟେଲରେ ରହି ଖେଳୁଥିଲି। ସେତେବେଳେ ଆମେ ସାଙ୍ଗମାନେ ବିଭିନ୍ନ ମହାପୁରୁଷଙ୍କ ବେଶରେ ନିଜକୁ ସଜେଇ ବେଶ୍ ମଜା କରୁଥିଲୁ। ପରେ ଆମ ଗାଁର ଗାହାଣୀ ପର୍ବ ସମୟରେ କେଉଁ ବେଶରେ ସଜେଇ ହେବି ଭାବୁଥିଲି। ଆଉ ମୋର ଗାନ୍ଧିଜୀଙ୍କ କଥା ମନକୁ ଆସିଲା। ସେବେଠାରୁ ଗାନ୍ଧୀଜୀଙ୍କ ବେଶରେ ଗାନ୍ଧିଜୀଙ୍କ ସ୍ୱଚ୍ଛତା ଅଭିଯାନର ପ୍ରଚାର କରିଆସୁଛି। ଗାଁର ବିଭିନ୍ନ ଛକସ୍ଥାନରେ ସଜେଇ ହୋଇ ଠିଆ ହୁଏ। ଛୋଟଛୋଟ ପିଲାମାନେ ମୋ ପାଖକୁ ଆସନ୍ତି ମତେ ଦେଖନ୍ତି ଓ ବହୁତ ଖୁସି ହୁଅନ୍ତି । ଏଥିରେ ମତେ ବି ଖୁବ୍ ଖୁସି ଲାଗେ। ଏହି ପର୍ବରେ ଗାନ୍ଧିଜୀଙ୍କ ବେଶଭୂଷାରେ ଅଭିନୟ କରିବା ପାଇଁ ପ୍ରଥମେ ଯେତେବେଳେ ଲଣ୍ଡା ହେଲି ଅନ୍ୟମାନେ ମତେ ଥଟା ମଜା କରିଥିଲେ। ଯେତେବେଳେ ଖଦଡ଼ ଧୋତି ପିନ୍ଧି ଅଣ୍ଟାରେ ଘଣ୍ଟା, ହାତରେ ଗୀତା ଓ ଆଉ ଏକ ହାତରେ ବାଉଁଶବାଡ଼ି ଧରିଚାଲିଲି ଅନେକେ ମୋତେ ଖୁବ୍ ପ୍ରଶଂସା କରିଥିଲେ। ଯାହା ମତେ ଉତ୍ସାହିତ କରିଥିଲା। ସମସ୍ତଙ୍କ ଦୃଷ୍ଟି ମୋ ଉପରେ ପଡ଼ିଲା । କେହିକେହି ମୋ ପାଖକୁ ଆସି ମୋତେ ନିରିଖେଇ ଦେଖନ୍ତି ଏହା ଜୀବନ୍ତ ମଣିଷ ନା ଏକ ପ୍ରତିମୂର୍ତ୍ତି କ'ଣ ବୋଲି ଭାବନ୍ତି। କାରଣ ମୁଁ ଗାନ୍ଧୀ ହୋଇ ଠିଆ ହେଲା ବେଳେ ପୂରାପୂରି ହଲଚଲ ନ ହୋଇ କିଛି ସମୟ ସ୍ଥିର ହୋଇ ରହେ। ଏହା ଦେଖଣାହାରୀଙ୍କୁ ଚକିତ କରିଥାଏ। ଗାହାଣୀ ପର୍ବ ସମୟ ଆସିଲେ ମୋତେ ଲୋକ ପଚାରନ୍ତି ଏଥର ଗାନ୍ଧୀ ଆସୁଛନ୍ତି ତ ?


**ସିଲଭର ଗାନ୍ଧୀ:**–ସ୍କୁଲ ବୟସରୁ ସେ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ରେ ଗାନ୍ଧିଜୀଙ୍କ ବେଶରେ ନିଜକୁ ସଜେଇ ହେଉଥିଲେ । ମାତ୍ର ଏବେ ତାଙ୍କୁ ଅନେକେ 'ସିଲଭର ଗାନ୍ଧୀ' ନାଁରେ ଜାଣନ୍ତି। ସେ ହେଲେ ମୋହନ ମହାପାତ୍ର, ଡାକ ନାମ ସାଇରାମ। ପିତା ଅର୍ଜୁନ ମହାପାତ୍ର, ମାତା ମନୋରମା ମହାପାତ୍ର। ଜନ୍ମ ସ୍ଥାନ ପୁରୀ ଜିଲାର ବେରବୋଇ ଗାଁରେ। ସେ କୁହନ୍ତି, ଆମ ଗାଁକୁ ଦିନେ ଗାନ୍ଧିଜୀ ଆସି ରହିଥିଲେ। ସେଥିପାଇଁ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିପୀଠ ରହିଛି। ସ୍କୁଲରେ ଅଗଷ୍ଟ ୧୫ ହେଉ କି ଜାନୁୟାରୀ ୨୬ ଆଦି ପାଳନ ବେଳେ ଗାନ୍ଧିଜୀଙ୍କ ବେଶରେ ନିଜକୁ ସଜେଇ ହୋଇଥାଏ। ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ପ୍ରଥମେ ଧଳା ଧୋତି ପିନ୍ଧୁଥିଲି। ଏବେ ଖଦଡ଼ ସଂଗ୍ରହକରି ପିନ୍ଧୁଛି। ସମୟକ୍ରମେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ବିଏ ସାରିଲି। ଏବେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ପାଠପଢ଼ା ଚାଲିଛି। ସିଲଭର ଗାନ୍ଧୀ ସିନେମାରେ ସିଲଭର ଗାନ୍ଧୀଙ୍କ ଭୂମିକାରେ ଅଭିନୟକରି ଭିନ୍ନ ପରିଚୟ ସୃଷ୍ଟି ହୋଇଛି। ଏଥିରେ ମୋତେ ଆତ୍ମସନ୍ତୋଷ ମିଳିପାରିଛି। ବିଶ୍ୱଶାନ୍ତି ପାଇଁ ଶାନ୍ତିର ବାର୍ତ୍ତା ସହ ସ୍ୱଚ୍ଛଭାରତ ଅଭିଯାନ କରି ଜନ ସଚେତନତା ସୃଷ୍ଟି କରୁଛି। ୨୦୧୬ ମସିହାରୁ ଖାଲି ପାଦରେ ଚାଲି ଚାଲି ସାରା ଦେଶର ପ୍ରାୟ ୨ହଜାର କିମି ଦୂର ୭ଟି ରାଜ୍ୟକୁ ଘୂରିବୁଲିଛି। ଓଡ଼ିଶା, ପଞ୍ଜାବ, ଚଣ୍ଡିଗଡ଼, ରାଜସ୍ଥାନ, ଗୁଜରାଟ, କୋଲକାତା, ଦିଲ୍ଲୀ ଆଦି ସହର ବୁଲିଛି। ସାବରମତୀ ଯାଇଛି। ବାପାଙ୍କ ଦେହାନ୍ତ ପରେ ଯେତେବେଳେ ଗାଁକୁ ଆସିଲି ଏଠାରେ ମଧ ଗାନ୍ଧୀ ବେଶ ହୋଇ ବିଭିନ୍ନ ଅଞ୍ଚଳ ବୁଲିଲି। ଏଥିଯୋଗୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କଠାରୁ ପ୍ରଶଂସା ମିଳିଛି। ଅନେକ ସ୍ଥାନରୁ ପୁରସ୍କୃତ ହୋଇଛି।

**ବସ୍ତିପିଲାଙ୍କ ଗାନ୍ଧୀ ଅଜା:** ଅଗଷ୍ଟ ୧୫ ହେଉ କି ଜାନୁୟାରୀ ୨୬ କିମ୍ବା ଗାନ୍ଧୀ ଜୟନ୍ତୀ । ଏମିତି ଦିବସରେ ସ୍ଥାନୀୟ ବସ୍ତି ଅଞ୍ଚଳର ପିଲାମାନେ ତାଙ୍କୁ ଖୋଜନ୍ତି, ସେ ମଧ୍ୟ ପିଲାଙ୍କୁ ଏକାଠିକରି ମିଠେଇ, ଚକୋଲେଟ, ବିସ୍କୁଟ ବଣ୍ଟନ କରିଥାନ୍ତି। ନିଜକୁ ଗାନ୍ଧୀ ବେଶରେ ସଜେଇ ହୋଇ ବସ୍ତିକୁ ବସ୍ତି ବୁଲନ୍ତି। ସେ ହେଲେ ୮୩ ବର୍ଷୀୟ ଏନ. ଦୁର୍ଗା ରାଓ । ସେ କୁହନ୍ତି– ସେତେବେଳେ କଟକ ବକ୍ସି ବଜାରରେ ରହୁଥିଲି। ଏବେ କିନ୍ତୁ କେତେବର୍ଷଧରି ଭୁବନେଶ୍ୱର ରସୁଲଗଡ଼ ସ୍ଥିତ ଜଗନ୍ନାଥ ରୋଡ ନଂ୧୧ରେ ରହୁଛି । ସେତେବେଳେ ରେଭିନ୍ୟୁ ଡିପାର୍ଟମେଣ୍ଟରେ କାମ କରୁଥିଲି। ଅବସର ପରେ ବସ୍ତି ପିଲାଙ୍କ ଖୁସି ପାଇଁ ବିଭିନ୍ନ ପର୍ବ ଓ ଜାତୀୟ ଦିବସରେ ନିଜସ୍ୱ ଉଦ୍ୟମରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ଏଥିରେ ମୋତେ ଶାନ୍ତି ମିଳୁଛି। ପରିବାରରେ ସ୍ତ୍ରୀ, ପୁଅ, ବୋହୂ ଓ ନାତି ନାତୁଣୀ ଅଛନ୍ତି। ସେମାନେ ଏଥିପାଇଁ ବହୁତ ଖୁସି ହୁଅନ୍ତି। ବସ୍ତି ପିଲାଙ୍କ ମନରେ ପାଠ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସ୍ୱାଧୀନତା ଦିବସ ଓ ଗାନ୍ଧୀ ଜୟନ୍ତୀ ଦିନ ମହାପୁରୁଷମାନଙ୍କ ଜୀବନୀଙ୍କୁ ନେଇ ଆଲୋଚନା କରାଯାଇଥାଏ। ପିଲାମାନଙ୍କୁ ପୁରସ୍କୃତ କରିଥାଏ। ଜାତୀୟ ଦିବସଗୁଡ଼ିକରେ ସକାଳୁ ସକାଳୁ ପ୍ରଭାତ ଫେରି, ସଫେଇ କାର୍ଯ୍ୟକ୍ରମ କରିଥାଏ। ପିଲାମାନଙ୍କୁ ନେଇ ବସ୍ତିର ସାହି ସାହି ବୁଲିଲା ବେଳେ ରାମଧୂନ, ବନ୍ଦେ ମାତରମ୍ ଗାନ କରିଥାଏ। ସୁଭାଷ ବୋଷ, ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସଙ୍କ ନାମରେ ସ୍ଲୋଗାନ ଦେଇଥାଉ। ସ୍ୱାଧୀନତା ଦିବସ ଦିନ ମୁଣ୍ଡରେ ଗାନ୍ଧୀ ଟୋପି, ଧଳାପୋଷାକ ପିନ୍ଧି ସାହି ବୁଲିଥାଏ। ସ୍ୱାଧୀନତାର ସ୍ମୃତିକୁ ମନେପକାଇବା ପାଇଁ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଦେଶପ୍ରେମଭିତ୍ତିକ କାର୍ଯ୍ୟକ୍ରମ କରାଇଥାଏ। ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ ଜାତୀୟ ପତାକା ଉତ୍ତୋଳନ କରିଥାଏ। ଉପସ୍ଥିତ ପିଲାଙ୍କୁ ମିଠା ବଣ୍ଟନ କରିଥାଏ। ଅରୁଆ ଡାଲମା ଖାଇବାକୁ ଦେଇଥାଏ। । ସେମାନଙ୍କ ମଧ୍ୟରେ ମୋତେ କେହି କେହି ଗାନ୍ଧୀ ଅଜା ବୋଲି ଡାକିଲେ ଖୁବ୍ ଖୁସି ହୁଏ। ଏମିତି କାର୍ଯ୍ୟକ୍ରମରେ ପ୍ରତିବର୍ଷ ଆଖପାଖ ବସ୍ତିର ପିଲାମାନେ ଯୋଗ ଦେବାକୁ ଆସିଥାନ୍ତି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିଭାବେ ଡାକି ସେମାନଙ୍କ ଦ୍ୱାରା ପତାକା ଉତ୍ତୋଳନ କରିଆସୁଛି। ଗାନ୍ଧିଜୀଙ୍କ ବେଶରେ ନିଜକୁ ସଜେଇ ହୋଇଥିବାରୁ ମନରେ ଖୁସି ଭରିଯାଏ। ଏଥିପାଇଁ କାହାରିଠାରୁ କିଛି ଟଙ୍କା ନ ଆଣି ନିଜ ପକେଟ ମନିରେ ସବୁ କାର୍ଯ୍ୟକ୍ରମ କରିଥାଏ।


ଏକଥା ସତ ଯେ, ଗାନ୍ଧିଜୀଙ୍କ ପ୍ରତି ଏମାନଙ୍କର ଥିବା ଭଲ ପାଇବା ଯୋଗୁ ଏମାନେ ନିଜକୁ ଗାନ୍ଧୀ ବେଶରେ ସଜେଇ ହୋଇ ଖୁସି ହେଉଛନ୍ତି। ଯାହା ତାଙ୍କର ଅନ୍ୟତମ ପରିଚୟ ବି ପାଲଟିଛି।

**–ବନବିହାରୀ ବେହେରା**





ଏନ୍. ଦୁର୍ଗା ରାଓ





ନବୀନ ପରିଡ଼ା



# ଲୋକକଳାର ରହିଛି ଏକ ଅଲିଖିତ ବ୍ୟାକରଣ




ନାଟକରେ ଅଭିନୟ କରିବା, ସ୍କ୍ରିପ୍ଟ ଲେଖିବା, ନିର୍ଦ୍ଦେଶନା ଦେବା ସହ ବିଭିନ୍ନ ରାଜ୍ୟର ଲୋକକଳା, ସଂସ୍କୃତିର ପ୍ରଚାର ପ୍ରସାରରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ବିଶେଷକରି ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳା ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସଦା ସର୍ବଦା ସେ ତତ୍ପର। କହିବାକୁଗଲେ ସାହିତ୍ୟ ସାହିତ୍ୟ ଓ ସଂସ୍କୃତିକୁ ନେଇ ହିଁ ତାଙ୍କର ଦୁନିଆ। ଏକଧାରରେ ସେ ଜଣେ କଳାକାର, ଶିକ୍ଷାବିତ୍, ଗାଳ୍ପିକ ଏବଂ ସଂସ୍କୃତିପ୍ରେମୀ । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ସେ ଅନେକ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଏବେ ସେ ଭାରତ ସରକାରଙ୍କ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ସହନିର୍ଦ୍ଦେଶକ। ସେ ହେଲେ **ଡ.ତାପସ କୁମାର ସାମନ୍ତରାୟ।** ମା' ଦୁର୍ଗା ଦେବୀ ଓ ପିତା ରମେଶ ଚନ୍ଦ୍ର ସାମନ୍ତରାୟ। ଘର ପୁରୁଣା ଭୁବନେଶ୍ୱର ଜମ୍ଭେଶ୍ୱରପାଟଣା- ବଣିଆ ସାହିରେ। ସେ କୁହନ୍ତି, 'ପିଲାଟି ଦିନରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ମତେ ଭଲ ଲାଗେ। ପିଲାଦିନର ଗୋଟିଏ କଥା ମୋର ମନେପଡୁଛି ମାମୁଘର ଖୋର୍ଦ୍ଧାକୁ ଦୋଳ ପର୍ବରେ ଯାଇଥାଏ। ସେଦିନ ଜହ୍ନରାତିରେ ଠାକୁରଙ୍କ ସହିତ ସାହି ଭ୍ରମଣବେଳେ ସଂକୀର୍ତ୍ତନ ଦଳରେ ଗିନି ବଜାଇ ନାଚିନାଚି ପଟୁଆରରେ କେତେବେଳୁ ମାମୁଘର ଗାଁ ପାର ହୋଇ ଅନ୍ୟ ଗାଁ ଦୋଳ ମେଳଣରେ ପହଞ୍ଚି ସାରିଥିଲି ଜଣା ନ ଥିଲା। ସେତେବେଳକୁ ରାତି ବଢି ଯାଇଥାଏ। ମୋ ସହିତ କେବଳ ଜଣେ ଥାଏ କିନ୍ତୁ ରାତି ଅଧିକ ଥିବାରୁ କ'ଣ କରିବୁ କୁଆଡ଼େ ଯିବୁ ଏହି ଚିନ୍ତା ଘାରିଲା। କିଛି ସମୟ ପରେ ଦୁଇ ସାଙ୍ଗ ପରସ୍ପର ହାତ ଧରାଧରି ହୋଇ ମାମୁଘର ଗାଁ ଅଭିମୁଖେ ଆସିଲୁ। କିଛି ଦୂର ଯିବାରେ ଏକ ମଶାଣି ପଡ଼ିଲା। ସେଠାରେ କେତୋଟି କୁକୁର ଆମକୁ ଦେଖି ଭୁକିବାରୁ ଟିକେ ଡରି ଯାଇ ଚୁପଚାପ ଠିଆ ହୋଇପଡ଼ିଲୁ। କୁକୁରଙ୍କ ଭୁକିବା ବନ୍ଦ ହେବାରୁ । ଦୁଇଜଣ ମିଶି ଦୌଡ଼ି ଦୌଡ଼ି ମାମୁଘରେ ପହଞ୍ଚିଥିଲୁ। ଇଏ ଥିଲା ମୋ ପିଲାଦିନ ଦୋଳ ଯାତ ଦେଖିବାର ନିଶା । ୟୁନିଟ୍ -୮ ହାଇସ୍କୁଲରେ ୧୦ମ ପାସ୍ କରି ବିଜେବି କଲେଜରେ ବିଏ ସାରିଲି। ତା' ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପୋଷ୍ଟଗ୍ରାଜୁଏଶନ ସାରି ପିଏଚ.ଡି. କରିଥିଲି। ମୋର ପ୍ରଥମ ଲେଖା ୧୯୮୭ରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା । ଏହା ମୋତେ ଲେଖିବା ପାଇଁ ଅଧିକ ପ୍ରେରଣା ଯୋଗାଇଥିଲା। ବିଜେବିରେ ପଢୁଥିବା ବେଳେ ନାଟକରେ ଅଭିନୟ କରି ବେଷ୍ଟ ଆକ୍ଟର ଏବଂ ଜାତୀୟ ଯୁବ ଉତ୍ସବରେ ଗୋଲ୍ଡ ମେଡାଲ ପାଇଥିଲି। କାଚଘର, ଜ୍ୱାଳା, ମାଣିକଯୋଡ଼ି, ଜୀବନ୍ତମୂର୍ତ୍ତି, ଶଙ୍ଖା ସିନ୍ଦୂର ଆଦି ୩୬ଟି ନାଟକରେ ପାର୍ଶ୍ୱ ଅଭିନେତା ଓ ମୁଖ୍ୟ ଅଭିନେତା ଭାବେ ଅଭିନୟ କରି ପୁରସ୍କୃତ ହୋଇଛି। ପ୍ରାୟ ୫ବର୍ଷଧରି ଶିଶୁମନ୍ଦିରରେ ଆଚାର୍ଯ୍ୟ ଭାବେ ପିଲାଙ୍କୁ ପାଠ ପଢାଇଥିଲି। ଅଶାନ୍ତଝଡ଼, କାର୍‌ଗିଲ ଯୋଦ୍ଧା ଆଦି ସ୍କ୍ରିପ୍ଟ ଲେଖି ପିଲାଙ୍କୁ ନାଟକ ଶିଖାଇଥିଲି।

୨୦୦୦ମସିହାରୁ କୋଣାର୍କ କଲେଜରେ ଓଡ଼ିଆ ବିଭାଗରେ ଅଧ୍ୟାପନା କଲି। ଭୁବନେଶ୍ୱରଠାରେ ଗଢିଥିବା ମଶାଲ ଅନୁଷ୍ଠାନରେ ବିଭିନ୍ନ ରାଜ୍ୟ ଓ ବାହର ରାଜ୍ୟର ଲୋକକଳା ପରିବେଷଣ ଦେଖି ପ୍ରଭାବିତ ହୋଇଥିଲି। ୨୦୦୪ମସିହାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର କୋଲକାତାଠାରେ ମୋର ଚାକିରି ହେଲା। ଯାହାଫଳରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଆସାମ, ତ୍ରିପୁରା, ସିକିମ, ମଣିପୁର, ଆଣ୍ଡାମାନ ନିକୋବର ପରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଭିନ୍ନ ଉତ୍ସବ ଆୟୋଜନକରି ନିକଟରୁ ସେମାନଙ୍କ ଲୋକକଳାକୁ ବୁଝିପାରିଥିଲି। ମୋ ପୁସ୍ତକ ରଚନା ମଧ୍ୟରେ- ଅଭିସାରିକା, ନିରବଝଡ଼, ଗଳ୍ପାୟନ, ଗଳ୍ପଗୁଚ୍ଛ ଆଦି ଗଳ୍ପ ହୋଇଥିବା ବେଳେ କାରୁବାକୀ ଏକ ଉପନ୍ୟାସ ଏବଂ କବୀର ଜୀବନୀ, ନାନାପ୍ରବନ୍ଧ, ଓଡ଼ିଶାର ଓଷାବ୍ରତ ଆଦି ବିଭିନ୍ନ ପୁସ୍ତକ ରଚନା କରିଛି। ମୋ ଚାରିପାଖରେ ଘଟୁଥିବା କଥାକୁ ନେଇ ମୁଁ ଗଳ୍ପ ଲେଖେ। କହିବାକୁ ଗଲେ କଳାକାରଙ୍କ ପରଦା ପଛରେ ଦୁଃଖର ଏକ କାହାଣୀ ରହିଥାଏ, ତାହା ସେ କେବେ କାହାରିକୁ କହି ନ ଥାନ୍ତି। ସେସବୁକୁ ମୁଁ ଅନୁଭବ କରିପାରିଛି। କଳାକାରଙ୍କ ପରଦା ପଛର ଦୁଃଖକୁ ମୋ ସାହିତ୍ୟରେ ସ୍ଥାନ ଦେଇଥାଏ। ବିଭିନ୍ନ ମହୋତ୍ସବର ଆୟୋଜନ କରିବା ସହିତ ଭୁଟାନ, ମାଲେସିଆ, ଲଣ୍ଡନ, ଚାଇନା ଆଦି ବିଦେଶ ରାଷ୍ଟ୍ରରେ ଆମ ଦେଶର କଳାସଂସ୍କୃତିର ପ୍ରଚାର ପ୍ରସାରରେ ସାମିଲ ହୋଇଛି। ୨୦୦୫ରେ ରାୟଗଡ଼ାର ସୌରା-ଆଦିବାସୀଙ୍କ ପାଇଁ ୨୦ଦିନିଆ ଚିତ୍ର ତାଲିମ ଶିବିର ଆୟୋଜନ କରି ସେମାନଙ୍କୁ ଚାଇନାଠାରେ ଆୟୋଜିତ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗଦେବାପାଇଁ ପଠାଇଥିଲି।

ବିଶେଷକରି ଓଡ଼ିଶାର ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ପାଇଁ ପ୍ରୟାସ କରିଥାଏ। ମୋ ମତରେ ଲୋକକଳା କହିଲେ ଯେଉଁ କଳାରେ ଲୋକଙ୍କ ବ୍ୟବହାର ରହିଥାଏ, ଯାହା ପିଢିପରେ ପିଢି ଏକ ଗତାନୁଗତିକ ଭାବେ ପାରମ୍ପରିକ ପରିଚର୍ଯ୍ୟାକୁ ନେଇ ନିରବଛିନ୍ନ ଭାବେରେ ଗଡ଼ିଆସୁଥାଏ, ତାହା ଏକ ଅଲିଖିତ ବ୍ୟାକରଣ ହେଲେ ମଦ୍ୟ ବୋଧଗମ୍ୟ ଓ ଆନ୍ଦପ୍ରଦ । ସଂସ୍କୃତି କାର୍ଯ୍ୟାଳୟ କୋଲକାତାଠାରେ ପ୍ରାୟ ୧୪୪ ପ୍ରକାରର ଲୋକକଳା ବାଦ୍ୟଯନ୍ତ୍ରକୁ ସଂଗ୍ରହକରି ରଖିବା ପାଇଁ ବିଭିନ୍ନ ଅଞ୍ଚଳକୁ ଘୂରି ବୁଲିବାରେ ବି ଭିନ୍ନ ଅନୁଭୂତି ରହିଛି। ଏଯାଏ ପ୍ରାୟ ୨୧୭ଟି ଲୋକକଳା ସଂସ୍କୃତି ଉପରେ କଳାକାରଙ୍କ ଲୁପ୍ତ କଳାର ବିକାଶ ନିମନ୍ତେ କାର୍ଯ୍ୟ କରିବାରେ ମୋତେ ଆନନ୍ଦ ମିଳିଛି।

**-ବନବିହାରୀ**










# ଲଘୁଚାପ

-ବିଚିତ୍ରାନନ୍ଦ ଜେନା

**କା**ଲି ରାତିରୁ ଲଘୁଚାପ
ଓଦା କିନ୍ତୁ ହେଇନି ସହର
ବୋଉ ଫୋନ ରେ କହୁଛି
ଓଦା ଓଦା  ଗାଁ ଆଉ ଗାଁର ସବୁ ଚାଳ ଘର,
ବାଡ଼ି ପଟ ପଙ୍କିଳ ପୋଖରୀର ପେଟ ପୁରି
ଦାଣ୍ଡ ପିଣ୍ଡା ଛୁଇଁଲାଣି ଜୁଆର
ଅଗଣା, ବାଡ଼ି, ଦିଅଁ ଘର ସବୁ ଚପର ଚପର....!!

ଆଜି ବିଜୁଳି ବନ୍ଦକୁ ରୋଷେଇ ବନ୍ଦ
ଘଷି ଗୁଣ୍ଡା ଛଣଙ୍କ  ଅନଶନ
ଖଇ, ମୁଢି ଓ ଚୁଡାରେ
କଟିଲାଣି ଦି ପ୍ରହର
ଏ ଅସ୍ଥିର ସନ୍ଧ୍ୟା ପରେ
ସାରା ରାତି ପୁରା ଉଜାଗର...!!

ଏପଟେ ଦିକ ଦିକ ଜଳୁଛି ସି ଏଫ ଏଲ ବଲ୍
କଲିଙ୍ଗ ବେଲ ଟିପିଲାଣି ପିଜା ଆଉ ବର୍ଗର
ଟାଇଲରୁ ତଳ ମୁହାଁ ଜଳ ଧାର
ବାଲକୋନୀରୁ ତଳକୁ ଚାହିଁଲେ ଦିଶେ
କେ ସି ପାଲ ଛତା ତଳେ ଝୁମୁଛି ସହର..!!

କାଲି ଲଘୁଚାପ ଛାଡ଼ିଗଲେ
ଛେଇଁ ଉଠିବ ଗାଁର ଭୋକିଲା ବଜାର
ସବୁଠି ଲାଗିବ ଚଢ଼ା ଦର
ନ ଥିବ ମୁଲ ଚାଲ
କିଣି ପାରିଲେ ଭଲ
ନହେଲେ ପୁଣି ଶୁଭିବ ଭୋକର ଚିତ୍କାର....!!

*–ସେଣ୍ଟତୀରା, ବନ୍ତ, ଭଦ୍ରକ*
*ମୋ:୯୪୩୯୮୪୬୬୦୧୭*

# ଶାନ୍ତିର କଥା

ଡ. ନିର୍ମଳ ଚନ୍ଦ୍ର ଶୂରଦେଓ

**କ**ହିବା ଆଗରୁ  ଟିକେ ଭାବିନେଲେ କେମିତି ହୁଅନ୍ତା ।
ଧନୁରୁ ତୀର, ହାତରୁ ପଥର ଖସିଗଲା ପରେ  କେହି ଜାଣି ନ ଥାନ୍ତି
ୟା' ପରର ମଙ୍ଗଳ ଅମଙ୍ଗଳ ଇତିହାସ ।
କଥା କହିସାରିବା ପରେ  ଆଉ କ'ଣ ଥାଏ,
ବିରାଡି କ୍ଷୀର ପିଇ ସାରିଥାଏ  ତମ ଅଜାଣତରେ:
କେବଳ ଗିନା ପଡିଥାଏ ଭୂମି ଉପରେ/  ଭାବିଲା ବେଳକୁ କିଛି ନ ଥାଏ
କେବଳ କପାଳରେ କର ଲାଗିଯାଏ । ଜୀବନର ପ୍ରଶସ୍ତି– ନା'ଥାଏ କହିବାରେ
ନା' ଥାଏ ଶୁଣିବାରେ/ ବରଂ ଏସବୁରୁ ଦୂରେଇ ରହି
ଜୀବନକୁ ପଚାରି ବୁଝ  /କେଉଁଥିରେ ଆତ୍ମା ପାଇଯିବ ଶାନ୍ତି ।

*–ପୁରୁଣା ସହର, ନୟାଗଡ଼*
*ମୋ– ୯୯୩୮୩୦୯୬୫୨*



# ପ୍ରେମକଥା

ଅମିୟ ବେଜ୍

**ଏ**ଇକଥାକୁ ଜାଣିବାକୁ ତାକୁ ମୁହୁର୍ତ୍ତେ ଯଦି ଲାଗିଥାନ୍ତା ତେବେ ତାକୁ ପ୍ରେମିକ କୁହାଯାଇଥାନ୍ତା । ଅଥଚ ଏତେଗୁଡାଏ ଦିନ ? ସିଏ ତାକୁ ଖୋଜିନି  ? ହଁ , ବହୁତ ଖୋଜିଛି । ଖୋଜିଲା ତା' ଠିକଣାରେ, ଟେଲିଫୋନରେ, ହ୍ୱାଟସାପ୍ ନମ୍ବରରେ, ଫେସବୁକ୍ ଏକାଉଣ୍ଟରେ, ଇନଷ୍ଟାଗ୍ରାମ୍‌ରେ ।
ଏମିତି କେତେଯାଗାରେ ।
ପାଇଲାନି । ସବୁଠାରେ ଅନୁପସ୍ଥିତ । ହଜି ସାରିଥିବା ବସ୍ତୁ ।
ଖୋଜିଥାନ୍ତା ଭଲା ପବନରେ, ଆକାଶରେ ଅବା ଚନ୍ଦ୍ରମାରେ ....ଗପ କବିତା ରେ, ଆବେଗରେ, ଉଚ୍ଚାରଣରେ....
କେଉଁ ଏକ ସୁତ୍ର ଦିନେ ଜଣାଇଲା ତା' ଦେହାନ୍ତ ହୋଇଯିବାର ଘଟଣା ।
ପୃଥିବୀରେ ପ୍ରେମିକଟିଏ ଜୀବିତ ଥାଉଥାଉ ପ୍ରେମିକାଟି ବିଦେହୀ ହୋଇଯିବା ଏକ ପ୍ରାଣାନ୍ତକ ପୀଡା । ସେଇ ଉତ୍ପୀଡ଼ନରୁ ମୁକୁଳିବା ଏତେ ସହଜ ହୁଅନ୍ତା କିପରି ?
ତଥାପି ଯନ୍ତ୍ରଣାରୁ ମୁକ୍ତି କିଏ ନ ଚାହିଁଛି । ପୁଣି ଯାତନାବିହୀନ ପ୍ରେମ କିଏବା ଭୋଗିଛି  ?
କେବେକେବେ ବେଳାଭୂମି ର ସେଇ ବ୍ୟବସାୟୀ ଘୋଡାକୁ ଲକ୍ଷ୍ୟ କରିଛ ? ତା ଦୁଇ ଆଖି କଡରେ ପଟି ବନ୍ଧା । ଅର୍ଥାତ ସେତିକି ତାକୁ ଦୃଶ୍ୟ ହେବ, ଯାହା ତା ସାମ୍ନାରେ ଦୃଶ୍ୟମାନ । ନଚେତ ଘୋଡାଟି ବାଁ ଡାଁ ହୋଇ ତରକି ଯାନ୍ତା ଯେ ?
ତରକିବା ଏକ ପ୍ରେମ ଲକ୍ଷଣ ଆଦୌ ନୁହଁ । ତୁମେ ଏକାନ୍ତ ଓ ଏକନିଷ୍ଠ ନ ହୋଇଛର ଅର୍ଥ ତୁମେ ପ୍ରେମ କରୁନ । ବରଂ ତଥାପି ପ୍ରେମ ସନ୍ଧାନରେ ମାତିଛ । ହଁଅ, ବାଁ ଡାଁ ହୋଇ ତରକିବା ଆଦୌ ପ୍ରେମ ଲକ୍ଷଣ ନୁହେଁ ।
ଦେହାନ୍ତର ଅର୍ଥ ସିଏ ଆଉ ଦେହ ରେ ନାହିଁ । ଯିଏ ଅସ୍ତିତ୍ୱ ହରାଇସାରିଛି ସିଏ ଯାତନା ଦେବ ବା କାହିଁକି  ? ସିଏତ ସ୍ୱାର୍ଥପର । ନକହି ନଜଣାଇ ଆଗ ଛାଡି ଚାଲିଯାଇଛି ।
ବଳିପଡିଛି ଯାହା, ସେଇତକ ପ୍ରେମିକଟିର ବଳକା ଜୀବନ ।
ସମୟର ଉତ୍ପୀଡ଼ନକୁ ଧରି ସିଏ କାଳ କାଟିବ ଅବା ଦୁର୍ଘଟଣାକୁ ଭୁଲିଯିବାର ସଂକଳ୍ପରେ ସ୍ଥିର ରହିଯିବ ।
ଧରିନିଆଯାଉ ସାରା ପୃଥିବୀରେ ପ୍ରେମିକ ବୋଲି କିଛି ଚରିତ୍ର ନଥାଏ । ଯାହା ଥାଏ, ସେଇତକ ପ୍ରେମିକାର ଏକ ଉପଶବ୍ଦ । କାରଣ ସମର୍ପିତା ହୋଇ ରହିବା ଏକ ପ୍ରେମଧର୍ମ । ଯାହା ପ୍ରେମିକାଟିଏ ସମ୍ଭବ କରାଇପାରେ । ଅଥଚ ପ୍ରେମିକଟିଏ ର ଦୁଇଆଖି କଡ଼ରେ ପଟି ବାନ୍ଧିବାର ଦୁଃସାହସ ପ୍ରେମିକାର କାହିଁ ? ଧରିନିଆଯାଉ ଯାବତୀୟ ଜାଗତିକ ପ୍ରେମ କେବଳ ପ୍ରେମିକାମାନଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥାଏ ଓ ଇତ୍ୟାଦି..
ଯୁବକଟି ଯେବେ ନିଜକୁ ଦ୍ୱନ୍ଦହୀନ ସଜାଇ ସବୁ ଯନ୍ତ୍ରଣାରୁ , ସବୁ ଉତ୍ପୀଡ଼ନରୁ, ସବୁ ସ୍ମୃତିପଟଳରୁ, ସବୁ ପ୍ରେମିକପଣରୁ ନିଜକୁ ମୁକ୍ତ ବୋଲି ବିଚାର କରିଛି,  ଆଜି ତା ପାଖକୁ ଗୋଟେ ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଛି ।
ସିଏ ଚମକି ଯାଉଛି । ବାସ୍ତବତା କୁ ନେଇ ଅସହଜ ହେଉଛି ।
ନଥାଇ ବି ଯିଏ ଅଛି ସିଏ କଣ ପ୍ରେମିକା  ?
ଆପଣମାନେ ମାନନ୍ତୁ ବା ନମାନନ୍ତୁ ଯୁବକଟିର ପାଖକୁ ଆଜି ଭୋର୍ କାଳରେ ତା ବିଦେହୀ ଦିବଂଗତ ପ୍ରେମିକାଠୁଁ ଫ୍ରେଣ୍ଡରିକ୍ୱେଷ୍ଟ ମିଳିଛି ।
ଏଇତକ ଯାହା ପ୍ରେମଗାଥା । ପ୍ରେମକଥା....

*–ଖଡ଼ଗପୁର, ପଶ୍ଚିମବଙ୍ଗ*
*ମୋ:୯୪୩୭୬୩୧୭୧୯*




# ପ୍ରଶଂସିକା ହେବ ତ ଏମିତି

## ବୋଲ୍ଡ ଶଟ୍ ପାଇଁ...

ଭୂମି ପେଦନେକର ଏବେ ଲଙ୍ଗ ଭ୍ୟାକେସନରେ ଅଛନ୍ତି। ମାଇଣ୍ଡ ଫ୍ରେସ କରିବାକୁ ସେ ବର୍ତ୍ତମାନ ଲଣ୍ଡନରେ ଡେରା ପକାଇଛନ୍ତି। ହେଲେ ତାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ଏକ ଅନଟାଇଟଲଡ୍ ନୂଆ ସିନେମାରେ କେତୋଟି ବୋଲ୍ଡ ଶଟ୍ ଦେବେ। କେବଳ ସେତିକି ନୁହେଁ, ଏ ନେଇ ପ୍ରଯୋଜକ ତାଙ୍କ ପାରିଶ୍ରମିକ ମଧ୍ୟ ବଢ଼ାଇ ଦେଇଛନ୍ତି। ଏ ବିଷୟରେ ଆଲୋଚନା ଜୋର୍ ଧରିବା ପରେ ଶେଷକୁ ବାଧ୍ୟ ହୋଇ ଭୂମି ମୁହଁ ଖୋଲିଛନ୍ତି। ସେ କହନ୍ତି, ‘ମୋ ବୋଲ୍ଡ ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। ସତେଯେମିତି ମୁଁ ବଲିଉଡ୍‌ରେ ପ୍ରଥମ ଥର ପାଇଁ ଏଭଳି ଶଟ୍ ଦେଉଛି। ମୁଁ ଯେଉଁ ନୂଆ ସିନେମାରେ ଅଭିନୟ କରିବି ତାହାର କାହାଣୀ ଅନୁସାରେ କେତୋଟି ବୋଲ୍ଡ ଶଟ୍ ରଖାଯାଇଛି। ପ୍ରଯୋଜକ ମଧ୍ୟ ମୋ ସହ ଆଲୋଚନା ସମୟରେ ଏ ବିଷୟରେ ସୂଚନା ଦେଇଥିଲେ। ତେଣୁ ଏଥିରେ ଲୁଚାଇବାର କିଛି ନାହିଁ। ବାକି ରହିଲା ପାରିଶ୍ରମିକ କଥା। ଏହି ଫିଲ୍ମ ପାଇଁ ମୁଁ ଟିକେ ଅଧିକ ରେମ୍ୟୁନରେଶନ ଦେବାକୁ ପ୍ରଯୋଜକଙ୍କୁ କହିଥିଲି। ଯାହାହେଉ ସେ ମୋ କଥା ରଖିଛନ୍ତି। ହେଲେ ଏହାସହ ବୋଲ୍ଡ ଶଟ୍‌ର କୌଣସି ସମ୍ପର୍କ ନାହିଁ।’ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ପ୍ରଯୋଜକ ଏକ ରୋମାଣ୍ଟିକ ଶୀର୍ଷକ ଖୋଜୁଛନ୍ତି। ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଭୂମି



ଅକ୍ଷୟ କୁମାର

## ଅକ୍ଷୟଙ୍କ ପୁରୁଣା ଅଭ୍ୟାସ

ବଲିଉଡ୍‌ରେ ଅକ୍ଷୟ କୁମାରଙ୍କ କ୍ରେଜ୍ କେତେ ତାହା କହିବା ବାହୁଲ୍ୟ। କାରଣ ‘ସୌଗନ୍ଧ’ରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଅଭିନେତା ଏବେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି। ତେବେ ବି ସେ ପୂର୍ବର ଗୋଟିଏ ଅଭ୍ୟାସ ଆଜିଯାଏ ଜାରି ରଖିଛନ୍ତି। ବଲିଉଡ୍ ଷ୍ଟାର ଏବଂ ସିନେମା ପୋଷ୍ଟର ସଂଗ୍ରହ କରିବା ତାଙ୍କର ଏକ ପୁରୁଣା ହବି ଥିଲା। ଯାହାକୁ ସେ ଏବେ ମଧ୍ୟ ଜାରି ରଖିଛନ୍ତି। ଏ ନେଇ ସେ କହନ୍ତି, ‘ମୋତେ ଯେତେବେଳେ ପ୍ରାୟ ୧୮-୨୦ ବର୍ଷ ବୟସ ହୋଇଥିଲା ସେତେବେଳେ ଏଭଳି ଏହି ଚିନ୍ତାଧାରା ମୋ ମନକୁ ଆସିଥିଲା। ବାସ୍, ତା’ପରେ ହିନ୍ଦୀ ସିନେମା ଜଗତର ପ୍ରାୟ ସମସ୍ତ କଳାକାରଙ୍କ ବିଭିନ୍ନ ପ୍ରକାର ଫଟୋ ଏବଂ ସିନେମାର ପୋଷ୍ଟର ସଂଗ୍ରହ କରି ରଖିବା ଆରମ୍ଭ କରିଥିଲି। ଏବେ ସେଗୁଡିକୁ ଦେଖିଲେ ବେଶ୍ ଖୁସି ଲାଗେ।’ ଅକ୍ଷୟଙ୍କ ଦିନଚର୍ଯ୍ୟା ଆରମ୍ଭ ହୁଏ ଭୋର ୫.୩୦ରୁ। ରାତିରେ ୮ଟା ହେବା ପୂର୍ବରୁ ସେ ଡିନର ଶେଷ କରିଥାଆନ୍ତି। ତାଙ୍କର ଜୁହୁ ବଙ୍ଗଳାର ବାଲକୋନିରେ ବସିଲେ ଆରବ ସାଗରର ସୁନୀଳ ଜଳରାଶିକୁ ମନଭରି ଉପଭୋଗ କରିହୋଇଥାଏ।

## ସୋନାକ୍ଷୀଙ୍କ ନୂଆ ଆଇଡିଆ

କଥାରେ ଅଛି ବସିବା ଠାରୁ କାଶିବା ଭଲ। ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଏକ ନୂଆ କଥାରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ତାହା କ’ଣ ଜାଣନ୍ତି ? ଗାର୍ଡେନିଂ। ଯେତେବେଳେ ତାଙ୍କୁ ସମୟ ମିଳୁଛି ସେତେବେଳେ ସେ ଘରେ ନ ବସି ସିଧା ଗାର୍ଡେନକୁ ଯାଉଛନ୍ତି। ଏ ନେଇ ’ଦବଙ୍ଗ ଗର୍ଲ’ କହନ୍ତି, ‘ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟରେ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।’ ଅନ୍ୟପକ୍ଷରେ ଏବେ ସୋନାକ୍ଷୀଙ୍କ ହାତରେ କେତୋଟି ନୂଆ ଅଫର ରହିଛି। ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।



## ଶ୍ରୀମାନ ଶ୍ରୀଯୁକ୍ତ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ଶ୍ରୀମାନ ଶ୍ରୀଯୁକ୍ତ’। ଏଥିରେ କେବଳ ପାରିବାରିକ ସେଣ୍ଟିମେଣ୍ଟ ନୁହେଁ, କମେଡି ଭରି ରହିଛି। ଏହାର ଏକ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ବବି ମିଶ୍ର ଆଉ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ଚୁଲବୁଲି ଲିପ୍‌ସା ମହାରଣା। ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇଥିବା ତଥା ‘ସିନ୍ଦୂର’ ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି। ଆଉ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ‘ଯୋଗୀ’ ଫେମ୍ ନିରଞ୍ଜନ ବେହେରା। କେବଳ ସେତିକି ନୁହେଁ, ନିରଞ୍ଜନ ଏହି ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଶିରିଡି ସାଇବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ମୁଖ୍ୟ ଭୂମିକାରେ ସାନୁ ଓ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି। ସମାଜରେ ପ୍ରତ୍ୟେକ ଦିନ ଘଟୁଥିବା କଥାକୁ କାହାଣୀର ରୂପ ଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି କହନ୍ତି ପ୍ରଯୋଜକ ପ୍ରଣୟ ।



ଲିପ୍‌ସା-ବବି

## ହଁ-ନାହିଁର ଖେଳ

କ୍ରିତି ସାନନ୍ ଏବେ ଏପରି ପରିସ୍ଥିତିରେ ପଡିଛନ୍ତି ଯେ, କଥାଟି ତାଙ୍କ ପାଇଁ ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା ପରି ହୋଇଛି। ଅସଲ କଥା ହେଲା, ଏକ ନୂଆ ଅଫର ତାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଯେତେବେଳେ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଯୋଗାଯୋଗ କରାଗଲା, ସେତେବେଳେ ସେ ରାଜି ହୋଇଥିଲେ। ହେଲେ ପରେ କ’ଣ ଭାବିଲେ କେଜାଣି ‘ଏଥିରେ ଅଭିନୟ କରିବି ନାହିଁ’ ବୋଲି କହି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଛନ୍ତି। ଏ ସମ୍ପର୍କରେ କ୍ରିତି କହନ୍ତି, ‘ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ କାହାଣୀରେ କିଛି ପରିବର୍ତ୍ତନ କରାଯାଇଥିଲା। ଏବେ ମୁଁ ମୋ ଭୂମିକାରେ ବି କିଛି ପରିବର୍ତ୍ତନ କରିବାକୁ ପ୍ରଯୋଜକଙ୍କୁ କହିଛି। ହେଲେ ସେପଟେ ଆଲୋଚନା ହେଉଛି ଯେ ଅଫରଟିକୁ ମୁଁ ହାତଛଡା କରିଦେଇଛି। ଯାହା ପଛରେ ଆଦୌ ସତ୍ୟତା ନାହିଁ।’



କ୍ରିତି

ଆଲିଆ ଭଟ୍ଟ ଏବେ ଜଣଙ୍କ ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି? ସେ ହେଲେ ରଣବୀର ସିଂ। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ରଣବୀର ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଖାସ୍ କଥା ହେଲା ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଆଲିୟାଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି। ଏ ନେଇ ଆଲିୟା କହନ୍ତି, ‘‘ଯାହା କହନ୍ତୁ ନା କାହିଁକି, ରଣବୀର ସିଂଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଏକ ଭିନ୍ନ ଧରଣର ଭୂମିକା ମିଳିଛି। ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛି ଦିନ ସମୟ ନେଇଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ- ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ।’ ସେପଟେ ଆଲିୟାଙ୍କୁ ପ୍ରଶଂସା କରିବାକୁ ଭୁଲି ନାହାନ୍ତି ରଣବୀର। ସେ କହିଛନ୍ତି ଯେ, ସବୁ ପ୍ରକାର ଭୂମିକାକୁ ଠିକ୍ ଭାବରେ ତୁଲାଇବାର ଦକ୍ଷତା ଆଲିୟାଙ୍କ ନିକଟରେ ରହିଛି। ନିକଟରେ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଛନ୍ତି। ଏ ନେଇ ତାଙ୍କୁ ଢ଼େର ଅଭିନନ୍ଦନ।



ଆଲିୟା

## ପ୍ରଥମ ରୋଜଗାର

# ଠାକୁରଙ୍କ ପାଖେ ମିଠା ଭୋଗ ଲଗାଇଥିଲି



**ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ ଡା. ସିଦ୍ଧାର୍ଥ ଷଡ଼ଙ୍ଗୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ପ୍ରଥମେ ମୋ ପାଠପଢ଼ା ଆରମ୍ଭ ହୋଇଥିଲା ଚଣ୍ଡିଗଡ଼ରୁ। କାରଣ ବାପା ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ ସେତେବେଳେ ପିଜିଆଇ ଚଣ୍ଡିଗଡ଼ରେ ହାର୍ଟ ସର୍ଜରିରେ ଏମ୍‌ସିଏଚ୍ (ସୁପର ପିଜି) କରୁଥିଲେ ଏବଂ ମା' ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ ବି ସେହିଠାରେ ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗରେ ପୋଷ୍ଟ ଗ୍ରାଜୁଏଟ୍ କରୁଥିଲେ। ତେଣୁ ମୁଁ ଓ ମୋ ସାନ ଭଉଣୀ ସୋନାଲି ସେଠାରେ ପଢୁଥିଲୁ। ବାପାମା' ଯେବେ ଏସ୍‌ସିବି ମେଡିକାଲ କଲେଜରେ ଜଏନ୍ କଲେ ମୁଁ ସେତେବେଳେ କଟକ ଷ୍ଟୁଆର୍ଟ ସ୍କୁଲରେ ପଢ଼ିଲି। ଷ୍ଟାଣ୍ଡାର୍ଡ -୯ରେ ପଢ଼ିଲାବେଳେ ବାପା ନ୍ୟୁଜିଲାଣ୍ଡର ଡୁନେଡିନ ହସ୍ପିଟାଲରେ ଓପନହାର୍ଟ ସର୍ଜରିରେ ଉଚ୍ଚତର ତାଲିମ ନେବା ପାଇଁ ଯାଇଥାନ୍ତି। ଫେରିଲାବେଳକୁ ମୋ ପାଇଁ ଗୋଟିଏ ଭିଡିଓ କ୍ୟାମେରା ଆଣିଥାନ୍ତି। ନ୍ୟୁଜିଲାଣ୍ଡରୁ ଫେରିବାର ଅଳ୍ପ କିଛିଦିନ ପରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କର ହାତ ଓ ପାପୁଲି ସମ୍ପୂର୍ଣ୍ଣ କଟିଯାଇଥିବାରୁ ବାପା ଓ ଅନ୍ୟ ଡାକ୍ତରମାନେ ମିଶି ସେଇ କଟାହାତକୁ ଦୀର୍ଘ ୧୪ଘଣ୍ଟା ପରିଶ୍ରମ କରି ଯୋଡିଥିଲେ। ମୁଁ ସେ ସବୁକୁ ଭିଡିଓ କ୍ୟାମେରାରେ ରେକର୍ଡିଂ କରିଥିଲି ଏବଂ ତାହା ହିଁ ମତେ ଜଣେ ହାର୍ଟ ସର୍ଜନ ହେବା ପାଇଁ ପ୍ରେରଣା ଯୋଗାଇଥିଲା। ତେବେ ଷ୍ଟୁଆର୍ଟ ସ୍କୁଲରୁ ଆଇସିଏସ୍‌ଇ ପାସ୍ କରି ରେଭେନ୍‌ସା କଲେଜରେ ପଢିଲି ଏବଂ ପରେ ଏସ୍‌ସିବି ମେଡିକାଲ କଲେଜରେ ପଢିଲି। ହାଉସ୍‌ମେନ୍‌ଶିପ୍ ଆରମ୍ଭ କଲାବେଳେ ହିଁ ୫୦୦୦ ଟଙ୍କା ଷ୍ଟାଇପେଣ୍ଡ ମିଳିଲା ; ଯାହାକି ଥିଲା ମୋ ପ୍ରଥମ ରୋଜଗାର। ସବୁ ଟଙ୍କା ନେଇ ମା'ଙ୍କୁ ଦେଲି। ମା' ଟଙ୍କା ଫେରାଇ ଦେଇ କହିଲେ, ଠାକୁରଙ୍କ ପାଖେ ଭୋଗ ଲଗାଇଦେ। ତେଣୁ ମିଠା କିଣି ପ୍ରଥମେ ଘର ଠାକୁର ଏବଂ ପରେ ଚଣ୍ଡୀ ମନ୍ଦିରକୁ ଯାଇ ଭୋଗ ଲଗାଇଥିଲି। ତା'ପରେ ବାପାଙ୍କ ପାଇଁ ଗୋଟେ ନୂଆ ଶାର୍ଟ ଓ ମା'ଙ୍କ ପାଇଁ ସବୁଜ ରଙ୍ଗର ସିଲ୍କ ଶାଢି ଏବଂ ଭଉଣୀ ପାଇଁ ହଳେ ଡ୍ରେସ୍ କିଣିଥିଲି। ଏବେ ବି ମା' ସେହି ଶାଢିଟିକୁ ସାଇତି ରଖିଛନ୍ତି। ତେବେ ଏହି ଘଟଣାର କିଛି ଦିନ ପରେ ମୁଁ ଅଲ୍ ଇଣ୍ଡିଆ ପିଜି ପାଇ ଗ୍ରାଣ୍ଟମେଡିକାଲ କଲେଜ ମୁମ୍ବାଇରେ ଜେନେରାଲ ସର୍ଜରିରେ ଏମ୍‌ଏସ୍ ଓ ପିଜିଆଇ ଚଣ୍ଡୀଗଡ଼ରେ ହୃଦ୍‌ବକ୍ଷ ଶଲ୍ୟ ବିଭାଗରେ ଏମ୍‌ସିଏଚ୍ କଲି। ଏହାବାଦ୍ ଆମେରିକା ରଚେଷ୍ଟରର ମେୟୋକ୍ଲିନିକ୍‌ରୁ କାର୍ଡିଆକ୍ ସର୍ଜରି, ଚିକାଗୋର 'ରସ୍ ୟୁନିଭର୍ସିଟି' କାର୍ଡିଆକ୍ ସେଣ୍ଟରରେ ଥୋରାସିକ୍ ସର୍ଜରି, ୱାଶିଂଟନ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ୍‌ରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ଏବଂ ମେକାନିକାଲ ସର୍କୁଲେଟରି ସପୋର୍ଟ ସିଷ୍ଟମରେ ଫେଲୋଶିପ୍ ବି କରିଛି। ଆଉ ଏବେ ଇଲିନୋଇସର ପିଓରିଆଠାସ୍ଥିତ ଓଏସ୍‌ଏଫ୍ ହେଲ୍‌ଥ କେୟାର ହାର୍ଟ ଇନଷ୍ଟିଚ୍ୟୁଟ୍‌ରେ କନସଲ୍‌ଟାଣ୍ଟ କାର୍ଡିଆକ୍ ସର୍ଜନ ଭାବରେ ଓପନ୍ ହାର୍ଟ ସର୍ଜରି ଓ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ତଥା ଇଲିନୋଇସ ୟୁନିଭର୍ସିଟିର ଡିପାର୍ଟମେଣ୍ଟ ଅଫ୍ ସର୍ଜରିର ଆସିଷ୍ଟାଣ୍ଟ ପ୍ରଫେସର ଓ ଇକ୍‌ମୋ ଥେରାପିର ସର୍ଜିକାଲ ଡାଇରେକ୍ଟର ଅଛି। ସୂଚନାଯୋଗ୍ୟ, ଆମ ଟିମ୍ ଗତ ଦେଢବର୍ଷ ଭିତରେ ସଫଳତାର ସହ ୧୪ଟି ହୃଦ୍ ପ୍ରତିରୋପଣ କରି ଇଲିନୋଇସ୍ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ହେଲ୍‌ଥ (ଆଇଡିପିଏଚ୍) ତଥା ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍ୱତନ୍ତ୍ର ସ୍ୱୀକୃତି ପ୍ରାପ୍ତ କରିଛି। ସେଠାକାର ଅର୍ଡର ଅଫ୍ ଦି ସେଣ୍ଟ ଫ୍ରାନ୍ସିସ ମେଡିକାଲ ସେଣ୍ଟର (ଓଏସ୍‌ଏଫ୍) ଅଧୀନରେ ମୁଁ କରିଥିବା ହୃଦ୍ ପ୍ରତିରୋପଣକୁ ଆମେରିକାନ୍ ସୋସାଇଟି ଅଫ୍ ଥୋରାସିକ୍ ସର୍ଜନ (ଏସ୍‌ଟିଏସ୍) ପକ୍ଷରୁ 'ଥ୍ରୀ ଷ୍ଟାର' ରେଟିଂ ମିଳିଛି ; ଯାହା ପ୍ରତିରୋପଣ ଅସ୍ତ୍ରୋପଚାର କ୍ଷେତ୍ରରେ ସର୍ବଶ୍ରେଷ୍ଠ ସ୍ୱୀକୃତି। ଏଥିସହ ଇକ୍‌ମୋ ଚିକିତ୍ସା ମାଧ୍ୟମରେ ପ୍ରାୟ ଏକଶହ କରୋନା ରୋଗୀଙ୍କୁ ଆରୋଗ୍ୟ କରିଥିଲି। ଯାହା ମତେ ଆତ୍ମସନ୍ତୋଷ ଦେଇଛି। ତେବେ ବାପା,ମା'ଙ୍କ ସହିତ ପତ୍ନୀ ଡା. ଶିଖା ଷଡ଼ଙ୍ଗୀ (ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ) ମୋତେ ପ୍ରେରଣା ଦେଇ ଆସିଛନ୍ତି। ଜୀବନରେ ଅନେକ ଟଙ୍କା ରୋଜଗାର କରିଛି ସତ, ହେଲେ ପ୍ରଥମ ରୋଜଗାରର ମଧୁର ଅନୁଭବ ଟିକକ ଏବେବି ଅଭୁଲା ହୋଇ ରହିଛି।

## ସାଥୀ

# ଅଳପ ରୁଷାକୁ ଚେନାଏ ହସ, ତହିଁରୁ ଝରୁଛି ପ୍ରେମର ରସ



**ପ୍ରଶ୍ନ**-ଜଣେ ଝିଅ ମତେ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନି। କ'ଣ କରିବି ?

*-ତନ୍ମୟ ରାଉତ, ବ୍ରହ୍ମପୁର*

**ଉତ୍ତର:** କଥାରେ ଅଛି-ସମଝଦାର୍ କୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଅଳପ ରୁଷାକୁ ଚେନାଏ ହସ, ତହିଁରୁ ଝରୁଛି ପ୍ରେମରୁ ରସ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**-ଲାଜୁଆ ହସରେ କ'ଣ ସତରେ ପ୍ରେମ ଭରି ରହିଥାଏ ?

*-ଜନ୍ମେଜୟ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ଅନେକ କଥା ହସରେ ହିଁ ଲୁଚି ରହିଥାଏ। ବଡ ଅଜବ ସେ ହସ। କେତେବେଳେ ରସଗୋଲା ପରି ମିଠା ତ କେତେବେଳେ ହଳାହଳ ବିଷ। ତେଣୁ ସେହି ହସକୁ ଭଲ ଭାବରେ ପ୍ରଥମେ ପରଖି ନିଅନ୍ତୁ। ନହେଲେ ସେହି ହସରେ ବାୟା ହୋଇ ଧାଇଁବେ ସିନା ହେଲେ ଫଳ କିଛି ମିଳି ନ ପାରେ। ଯଦି ହସରେ ପ୍ରକୃତ ପ୍ରେମର ପୁଲକ ଲୁଚି ରହିଛି ତେବେ ତାକୁ ଆଧାର କରି ଆଗାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ବାଜି ମାରିନେବେ।

**ପ୍ରଶ୍ନ**-ପ୍ରେମ ନିଶା କ'ଣ ସତରେ ଗାଢ଼ ?

*-ବିସ୍ମୟ ବହିଦାର, ରେଢ଼ାଖୋଲ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ଆଉ ସେ ବି ମୋତେ କିଛି କହିବାକୁ ଚାହୁଁଛି। ହେଲେ କହିପାରୁନି କାହିଁକି ?

*-ପ୍ରମୋଦ କୁମାର, ଢେଙ୍କାନାଳ*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରୁଛନ୍ତି। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**-ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*-ତପନ ନନ୍ଦ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି-ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି ୟାଡୁ ସ୍ୟାଡୁ କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।



# କଟନ୍ ଫ୍ୟାଶନ



**ସୂତା ବା କଟନ୍ କପଡ଼ା କପାରୁ ତିଆରି ଏକ ଫାବ୍ରିକ୍; ଯାହା ଖୁବ୍ ନରମ ଓ ଆରାମଦାୟକ। ଏହା ଦେଖିବାକୁ ଯେମିତି ସୁନ୍ଦର, ପିନ୍ଧିବାକୁ ସେମିତି କମ୍ଫଟେବଲ୍ । ସେଥିପାଇଁ ଏହାର ଚାହିଦା ଖୁବ୍ ରହେ। ତେବେ କାହିଁକି ଏହାର ଏତେ ଲୋକପ୍ରିୟତା ଆଉ ଏହି କପଡ଼ା ପିନ୍ଧିବାର କ'ଣ ସବୁ ଫାଇଦା ରହିଛି ଜାଣନ୍ତୁ ସେ ସମ୍ପର୍କରେ...**





ସୂତା କପଡ଼ା କପାରୁ ତିଆରି ଏକ ପ୍ରକାର ନରମ ଓ ଆରାମଦାୟକ ଫାବ୍ରିକ୍। ମୁଖ୍ୟତଃ ଖରାଦିନେ ଏହା ତ୍ୱଚାକୁ ସୁରକ୍ଷା ପ୍ରଦାନ କରିଥାଏ। ସେହିପରି ଶୀତଦିନେ ଏହାକୁ ପିନ୍ଧିଲେ ବେଶ୍ ଉଷୁମ ଲାଗେ। ତେଣୁ ସାଧାରଣରେ କହିବାକୁ ଗଲେ ସୂତା ବା କଟନ୍ କପଡ଼ା ଆମ ଶରୀର ଓ ଜଳବାୟୁ ମଧ୍ୟରେ ଉତ୍ତମ ସାମଞ୍ଜସ୍ୟ ରଖି ଆମକୁ ଆରାମ ପ୍ରଦାନ କରିଥାଏ। ତା'ଛଡ଼ା ଏହା ହେଉଛି ଏକ ନାଚୁରାଲ୍ ଫାବ୍ରିକ୍ ; ଯାହାକୁ ତିଆରି କରିବା ପାଇଁ କେମିକାଲ୍‌ର ବ୍ୟବହାର ହୁଏ ନାହିଁ। ସେଥିପାଇଁ ଏହି କପଡ଼ାକୁ ପିନ୍ଧିଲେ ଶରୀରରେ କୌଣସି ପ୍ରକାରର ଆଲର୍ଜି ହେବାର ସମ୍ଭାବନା ନ ଥାଏ। କେବଳ ସେତିକି ନୁହେଁ, କେତେକଙ୍କଠାରେ ସନ୍ ବର୍ନର ସମସ୍ୟା ଦେଖାଯାଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଯଦି ସେମାନେ କଟନ୍ ଆଉଟ୍‌ଫିଟ୍ ସାଙ୍ଗକୁ ହାତରେ କଟନ୍‌ର ଗ୍ଲୋଭ୍ସ ପାଦରେ କଟନ୍‌ର ମୋଜା ଏବଂ ମୁହଁରେ କଟନ୍‌ର ସ୍କାର୍ଫ ବାନ୍ଧନ୍ତି, ତା'ହେଲେ ସେମାନେ ସୁରକ୍ଷିତ ରହିଥାନ୍ତି।

### କଟନ୍ କପଡ଼ାର ପ୍ରକାରଭେଦ

କଟନ୍ କପଡ଼ାର କ୍ୱାଲିଟି ସବୁବେଳେ ସ୍ୱତନ୍ତ୍ର। ସେଥିପାଇଁ ଏହି କପଡ଼ାର ମଧ୍ୟ ଅନେକ ଭେରାଇଟି ଦେଖିବାକୁ ମିଳେ। ଯେମିତିକି:

* **କଟନ୍ ଲାନ୍:** ଏହି କପଡ଼ା ହାଲୁକା ଓ ଆରାମଦାୟକ ହୋଇଥାଏ। ଏଥିରେ ବ୍ଲାଉଜ, ସ୍କର୍ଟ, ଶାର୍ଟ, ଟପ୍ସ ତଥା କୁର୍ତ୍ତି ଆଦି ତିଆରି କରି ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଲାଗେ।

* **କଟନ୍ ଜର୍ସି:** ଏହି କପଡ଼ା ବି ହାଲୁକା ଲାଗିବା ସହିତ ଷ୍ଟ୍ରେଚେବଲ୍ ହୋଇଥାଏ। ଏଥିରେ ଟି-ଶାର୍ଟ ଆଦି ତିଆରି କରି ପିନ୍ଧିଲେ ବେଶ୍ ଆରାମ ଲାଗେ।

* **କଟନ୍ ପୋପଲିନ୍:** ଏହି ଫାବ୍ରିକ୍‌ର କପଡ଼ାକୁ ସବୁ ସମୟରେ ପିନ୍ଧା ଯାଇପାରେ। ବିଶେଷକରି ପୁରୁଷଙ୍କ ଶାର୍ଟ ତିଆରି କରିବାରେ ଏହାକୁ ବ୍ୟବହାର କରାଯାଇଥାଏ ; ଯାହାକୁ ଆରାମରେ ଅଫିସ ପିନ୍ଧି ଯାଇହେବ।

* **କଟନ୍ ଡ୍ରିଲ୍:** ଏହି କପଡ଼ା ବେଶି ଦିନ ପର୍ଯ୍ୟନ୍ତ ଲାଷ୍ଟିଂ କରିଥାଏ। ବିଶେଷକରି ୟୁନିଫର୍ମ ଆଦି ଏଥିରେ ତିଆରି କରାଯାଇଥାଏ।

* **କଟନ୍ ସିରସୁକର:** ଏହା ବି ଖୁବ୍ ହାଲୁକା ଫାବ୍ରିକ୍‌ର ହୋଇଥାଏ। ବିଶେଷକରି ଏଥିରେ ଶାର୍ଟ, ଶର୍ଟ୍ସ, ସୁଟ୍, କୁର୍ତ୍ତା ଆଦି ତିଆରି କରାଯାଇଥାଏ ; ଯାହାକୁ ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଲାଗିଥାଏ।

### କଟନ୍ ପୋଷାକର ଯତ୍ନ

* କଟନ୍ ପୋଷାକକୁ ଧୋଇ ସାରିବା ପରେ ଏହାକୁ ଖରାରେ ନ ଶୁଖାଇ ଛାଇରେ ଶୁଖାଇବା ଦରକାର। ନଚେତ୍ ଏହାର ନାଚୁରାଲ୍ ରଙ୍ଗ ଖରାରେ ଉଡିଯିବାର ସମ୍ଭାବନା ରହିଥାଏ।

* କଟନ୍ ଲିନେନ୍ ପୋଷାକକୁ ଆଇରନ୍ କରିବା ସମୟରେ ଆଇରନ୍‌କୁ ବେଶି ହିଟ୍ କରିବା ଠିକ୍ ନୁହେଁ। ନଚେତ୍ କପଡ଼ା ଏଥିରେ ଲାଗିଯିବାର ସମ୍ଭାବନା ଥାଏ। ଆବଶ୍ୟକ ପଡିଲେ କଟନ୍ ପୋଷାକ ଉପରେ ଟିକେ ପାଣି ଛିଞ୍ଚି ତା'ପରେ ଆଇରନ୍ କଲେ କପଡ଼ା ଭଲ ଆଇରନ୍ ହୋଇଥାଏ।

* ଆଇରନ୍ କରି ସାରିବା ପରେ କଟନ୍ ପୋଷାକକୁ ପେପର୍‌ରେ ଗୁଡ଼ାଇ ଆଲମାରିରେ ରଖିଲେ ଏହା ଭଲ ରହିଥାଏ।







ଯୁଗ୍ମା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫି**

# ହାଃ ହାଃ

## ଭୋଲା

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ନା ବହୁତ ଭୋଲା। ତମକୁ ଯିଏ ନାଇଁ ସିଏ ବୋକା ବନେଇ ଦେଉଛନ୍ତି।
ସ୍ୱାମୀ: ହଁ, ଆଉ ତମ ବାପା ହିଁ ମତେ ପ୍ରଥମେ ବୋକା ବନେଇଥିଲେ।


## ମାଛି

ରାଜୁ ସ୍କୁଲରୁ ଶୀଘ୍ର ଘରକୁ ଆସିଯାଇଥାଏ। ଏହା ଦେଖି ମା': ତୁ ଆଜି ଜଲ୍‌ଦୀ ଘରକୁ ଚାଲି ଆସିଲୁ କାହିଁକି?
ରାଜୁ: ଗୋଟେ ମାଛି ମାରିଦେଲି ତ ସାର୍ ରାଗିକି ମତେ କ୍ଲାସ୍‌ରୁ ବାହାର କରିଦେଲେ।
ମା': ଗୋଟେ ମାଛି ମାରି ଦେବାରୁ ସ୍କୁଲରୁ ବାହାର କରିଦେଲେ?
ରାଜୁ: ହଁ, ମା। ସେଇ ମାଛିଟା ପରା ସାର୍‌ଙ୍କ ଗାଲରେ ବସିଥିଲା।

## ଭାସେ

ଶିକ୍ଷକ ପପୁଙ୍କୁ: କହିଲୁ ଦେଖି ସୋଲ ପାଣିରେ କାହିଁକି ଭାସେ?
ପପୁ: ସାର୍, ସୋଲକୁ ବୋଧେ ପହଁରା ଆସେ। ସେଥିପାଇଁ ଭାସେ।

# ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍



ଜାତିର ପିତା ମହାତ୍ମା ଗାନ୍ଧୀ ! ଭାରତୀୟ ସ୍ୱତନ୍ତ୍ରତା ଆନ୍ଦୋଳନର ପ୍ରମୁଖ ନେତା, ଭାରତୀୟ ଜନତାଙ୍କୁ ହିଂସାର ମାର୍ଗ ଛାଡ଼ି ଅହିଂସାକୁ ଆଧାର କରି ସ୍ୱତନ୍ତ୍ରତା ପ୍ରାପ୍ତ କରିବାକୁ ସବୁବେଳେ ପ୍ରେରଣା ଦେଉଥିଲେ। ଅସହଯୋଗ ଆନ୍ଦୋଳନରୁ ଆରମ୍ଭ କରି ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଭଳି ଅନେକ ଆନ୍ଦୋଳନ ଜରିଆରେ ସିଏ ଭାରତକୁ ସ୍ୱତନ୍ତ୍ରତା ଦେବା ପାଇଁ କରିଥିବା ଆପ୍ରାଣ ଚେଷ୍ଟା ଆଜି ବି ପ୍ରତି ଭାରତୀୟଙ୍କ ମନରେ ଅବିସ୍ମରଣୀୟ ହୋଇ ରହିଛି। ସେଥିପାଇଁ ସମଗ୍ର ଭାରତବର୍ଷରେ ବାପୁଜୀଙ୍କର ନାମକୁ ବେଶ୍ ସମ୍ମାନର ସହ ନିଆଯାଇଥାଏ। ତା'ଛଡ଼ା ଆଗାମୀ ପିଢ଼ିଙ୍କୁ ଗାନ୍ଧିଜୀଙ୍କର ବିଚାର ସମ୍ପର୍କରେ ତଥା ତାଙ୍କର ସାଦାସିଧା ଜୀବନଶୈଳୀ ବିଷୟରେ ଅବଗତ କରାଇବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି ଗାନ୍ଧୀ ମ୍ୟୁଜିୟମ୍ ବା ସଂଗ୍ରହାଳୟ। ତନ୍ମଧ୍ୟରୁ 'ନ୍ୟାଶନାଲ ଗାନ୍ଧୀ ମ୍ୟୁଜିୟମ୍' ହେଉଛି ଅନ୍ୟତମ...

ନ୍ୟାଶନାଲ୍ ଗାନ୍ଧୀ ମ୍ୟୁଜିୟମ୍; ଯାହାକୁ ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍ ବୋଲି ବି କୁହାଯାଇଥାଏ। ଗାନ୍ଧିଜୀଙ୍କ ସ୍ମୃତିରେ ହୋଇଥିବା ଏହି ମ୍ୟୁଜିୟମ୍‌ଟି ବର୍ତ୍ତମାନ ନୂଆଦିଲ୍ଲୀର ରାଜଘାଟରେ ଅବସ୍ଥିତ। କିନ୍ତୁ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ମୃତିରେ ପ୍ରଥମେ ଏକ ସଂଗ୍ରହାଳୟ ମୁମ୍ବାଇରେ ଖୋଲାଯାଇଥିଲା, ଯେଉଁଠାରେ ଗାନ୍ଧିଜୀଙ୍କ ଜୀବନୀ ସହ ଜଡ଼ିତ କିଛି ବ୍ୟକ୍ତିଗତ ବସ୍ତୁ, ସମାଚାରପତ୍ର, ପୁସ୍ତକ ଆଦିକୁ ସ୍ଥାନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂଗ୍ରହାଳୟଟି ନୂଆଦିଲ୍ଲୀସ୍ଥିତ କୋଟା ହାଉସ୍‌କୁ ସ୍ଥାନାନ୍ତରିତ ହୋଇ ଆସିଥିଲା। ଶେଷରେ ୧୯୬୧ ମସିହାରେ ଏହା ନୂଆଦିଲ୍ଲୀର ରାଜଘାଟକୁ ସ୍ଥାନାନ୍ତରିତ ହୋଇ ବିଧିବଦ୍ଧ ଭାବେ ଲୋକାର୍ପିତ ହୋଇଥିଲା।

### ଲାଇବ୍ରେରୀ

ଏହି ମ୍ୟୁଜିୟମ୍ ଭିତରେ ଥିବା ଲାଇବ୍ରେରୀରେ ଗାନ୍ଧିଜୀଙ୍କ ଉପରେ ପର୍ଯ୍ୟବସିତ ପ୍ରାୟ ୩୫,୦୦୦ରୁ ଅଧିକ ସଂଖ୍ୟାର ପୁସ୍ତକ ତଥା ଦସ୍ତାବିଜ୍ ଥିବାର ସୂଚନା ରହିଛି। କେବଳ ସେତିକି ନୁହେଁ, ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାର ପ୍ରାୟ ୨୦୦୦ଟି ପତ୍ରିକାକୁ ମଧ୍ୟ ଏହି ସଂଗ୍ରହାଳୟରେ ସ୍ଥାନ ଦିଆଯାଇଛି।

### ଗ୍ୟାଲେରି

ଏହି ମ୍ୟୁଜିୟମ୍‌ରେ ଥିବା ଗ୍ୟାଲେରିରେ ମହାତ୍ମା ଗାନ୍ଧୀଙ୍କର ଅନେକ ପେଣ୍ଟିଂ ତଥା କିଛି ବ୍ୟକ୍ତିଗତ ବସ୍ତୁକୁ ସ୍ଥାନ ଦିଆଯାଇଛି। ସବୁଠୁ ଉଲ୍ଲେଖନୀୟ ବସ୍ତୁ ଭିତରେ ରହିଛି ଗାନ୍ଧିଜୀ ଚାଲିଲାବେଳେ ହାତରେ ଧରୁଥିବା ବାଡ଼ି, ବ୍ୟବହାର କରୁଥିବା ଚରଖା, ହତ୍ୟା ସମୟରେ ଗାନ୍ଧିଜୀ ପିନ୍ଧିଥିବା ଧୋତି ଓ ଶାଲ୍, ଗାନ୍ଧିଜୀଙ୍କୁ ମାରିବା ପାଇଁ ବ୍ୟବହାର କରାଯାଇଥିବା ଗୁଳିରୁ ଗୋଟିଏ ଓ ତାଙ୍କର ଅସ୍ଥି କଳସ ଇତ୍ୟାଦି। କେବଳ ସେତିକି ନୁହେଁ, ଗାନ୍ଧିଜୀଙ୍କର କିଛି ଦାନ୍ତକୁ ବି ଏଠାରେ ସାଇତିକି ରଖାଯାଇଛି। ତେବେ ଏହି ସଂଗ୍ରହାଳୟରେ ଥିବା ଗ୍ୟାଲେରିକୁ ଶହୀଦ ଗ୍ୟାଲେରି, ସ୍ମାରକ ଗ୍ୟାଲେରି ତଥା ଆର୍ଟ ଗ୍ୟାଲେରି ଭଳି ତିନୋଟି ସ୍ୱତନ୍ତ୍ର ଗ୍ୟାଲେରିରେ ବିଭକ୍ତ କରାଯାଇଛି; ଯେଉଁଠାରେ ପର୍ଯ୍ୟଟକ ଗାନ୍ଧିଜୀଙ୍କ ଉପରେ ଆଧାରିତ ବିଭିନ୍ନ କଳାକୁ ଦେଖିପାରିବେ। ଏଠାରେ ଏକ ଫଟୋ ଗ୍ୟାଲେରି ବି ରହିଛି।

### ବିଶେଷ ପ୍ରଦର୍ଶନୀ

ଏହି ମ୍ୟୁଜିୟମ୍‌ରେ କେବଳ ଗାନ୍ଧିଜୀଙ୍କର ବ୍ୟକ୍ତିଗତ ବସ୍ତୁ, ପେଣ୍ଟିଂ ତଥା ଫଟୋକୁ ପ୍ରଦର୍ଶିତ କରାଯାଇନାହିଁ, ଭାରତର ଇତିହାସ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ମଧ୍ୟ ଏଠାରେ ସ୍ୱତନ୍ତ୍ରଭାବେ ପ୍ରଦର୍ଶିତ କରାଯାଇଛି।











# ଇନ୍ଦ୍ରଧନୁ



**ବର୍ଷା ପରେ ଆକାଶରେ ଦେଖାଯାଉଥିବା ଏକ ଚମତ୍କାର ଦୃଶ୍ୟ ହେଉଛି ଇନ୍ଦ୍ରଧନୁ। ସାତରଙ୍ଗର ଓ ଧନୁ ଆକାରର ଏହି ଦୃଶ୍ୟ ସମସ୍ତଙ୍କର ମନ ମୋହିଥାଏ। ତେବେ ଅନେକଥର ଏହି ଅଦ୍ଭୁତ ଦୃଶ୍ୟକୁ ଦେଖିବାବେଳେ ମନରେ ଏହାର ଉତ୍ପତ୍ତି ଓ ରଙ୍ଗକୁ ନେଇ ଉଠିଥିବ ଅନେକ ପ୍ରଶ୍ନ। ଏଥର ଜାଣିବା ସେ ପ୍ରଶ୍ନର ଉତ୍ତର ସବୁ...**



ସ୍କୁଲରେ ବିଜ୍ଞାନ ପଢାଇବାବେଳେ ଶିକ୍ଷକ ଦେଖାଇଥିବେ ସୂର୍ଯ୍ୟଙ୍କ ପ୍ରକାଶ ଯେବେ ଏକ ପ୍ରିଜମ ଦେଇ ଗତି କରେ ତାହା ସାତ ରଙ୍ଗରେ ବିଭକ୍ତ ହୋଇଯାଏ । ଯାହାକୁ ଆଲୋକର ପ୍ରତିସରଣ କୁହାଯାଏ । ଇନ୍ଦ୍ରଧନୁ ବି ଏହିସୂତ୍ରରେ ସୃଷ୍ଟି ହୋଇଥାଏ । ଇନ୍ଦ୍ରଧନୁ ଆଲୋକର ପରାବର୍ତ୍ତନ, ଅପବର୍ତ୍ତନ ଏବଂ ଜଳ ବୁନ୍ଦାରେ ଆଲୋକ ବିକ୍ଷେପଣ ଯୋଗୁ ହୋଇଥାଏ । ଆମକୁ ସାଧାରଣତଃ ସୂର୍ଯ୍ୟର ଆଲୋକ ଧଳା ପରି ଲାଗେ । କିନ୍ତୁ ତାହା ବିଭିନ୍ନ ରଙ୍ଗର ମିଶ୍ରଣରେ ତିଆରି । ଯେତେବେଳେ ଏହି ଆଲୋକ ବର୍ଷାର ଜଳବୁନ୍ଦା ଦେଇ ଗତି କରେ ସେହି ରଙ୍ଗଗୁଡିକ ଅଲଗା ହୋଇଯାଏ । ଆଉ ଇନ୍ଦ୍ରଧନୁରେ ପରିଣତ ହୁଏ । ଯେଉଁଥିରେ ବାଇଗଣି,ଘନନୀଳ, ନୀଳ,ସବୁଜ, ହଳଦିଆ, ନାରଙ୍ଗୀ ଓ ଲାଲ ଆଦି ସାତରଙ୍ଗ ଦେଖିବାକୁ ମିଳେ । ଆଉ ପ୍ରତିରଙ୍ଗର ଏକ ୱେଭଲେନ୍ଥ ଥାଏ । ବାଇଗଣୀର ସବୁଠାରୁ ଛୋଟ ୱେଭଲେନ୍ଥ ଓ ଲାଲର ସବୁଠୁ ଲମ୍ବା ୱେଭଲେନ୍ଥ ଥାଏ । ତେଣୁ ବାଇଗଣୀ ଭିତର ଆଡକୁ ଦେଖାଯିବାବେଳେ ଲାଲରଙ୍ଗ ବାହାର ଆଡକୁ ଦେଖାଯାଏ । ଏହାକୁ ଭିଜିବଲ ସ୍ପେକ୍ଟ୍ରମ ବା ଦୃଶ୍ୟମାନ ବର୍ଣ୍ଣଛିଟା କୁହାଯାଏ । ଯଦି ସୂର୍ଯ୍ୟାଲୋକ ଜଳବୁନ୍ଦାର ସଠିକ କୋଣରେ ପ୍ରବେଶ କରେ ଓ ଆଲୋକର ଦିଗ ପରିବର୍ତ୍ତନ ହୁଏ, ଆଲୋକ ପ୍ରତିସରଣ ଦ୍ୱାରା ସୂର୍ଯ୍ୟାଲୋକ ବିଭିନ୍ନ ରଙ୍ଗରେ ବିଭକ୍ତ ହୋଇଥାଏ । ଯଦି ଅଧିକ ଆଲୋକ ଜଳବୁନ୍ଦା ଦେଇ ଗତି କରି ପ୍ରତିସରଣ ହୁଏ ଆମେ ସାତରଙ୍ଗର ଇନ୍ଦ୍ରଧନୁ ଆକାଶରେ ଦେଖୁ ।

**କାହିଁକି ଦେଖାଯାଏ ନାହିଁ ଅନ୍ୟରଙ୍ଗ:**

ବାଦାମୀ, ଧଳା ପରି ଅନ୍ୟ ରଙ୍ଗ ଇନ୍ଦ୍ରଧନୁରେ କେବେ ଦେଖିବାକୁ ମିଳେନା । ଆଉ ଏହା ପଛର କାରଣ ହେଉଛି ସାଧାରଣତଃ ଇନ୍ଦ୍ରଧନୁର ପାଖାପାଖି ଦୁଇ ରଙ୍ଗର ପଟିର ମିଶ୍ରଣରେ ଅନେକ ସମୟରେ ଏହାର ମଝି ଭାଗରେ ଅନ୍ୟ ଏକ ରଙ୍ଗ ତିଆରି ହୋଇଥାଏ । ଯେମିତିକି ସବୁଜ ଓ ନୀଳରଙ୍ଗ ପାଖାପାଖି ରହୁଥିବାରୁ ଏହି ଦୁଇ ରଙ୍ଗ ମଝିରେ ଆମେ ଟରକୋଇଜ୍ ରଙ୍ଗ ଦେଖିପାରୁ । ଯେହେତୁ ଲାଲ ଓ ସବୁଜ ରଙ୍ଗର ମିଶ୍ରଣରେ ବାଦାମୀ ରଙ୍ଗ ସୃଷ୍ଟି ହୋଇଥାଏ । ଆଉ ଲାଲ ଓ ସବୁଜ ରଙ୍ଗ ଇନ୍ଦ୍ରଧନୁରେ ପାଖାପାଖି ନ ଥାଏ ବାଦାମୀ ରଙ୍ଗ ଇନ୍ଦ୍ରଧନୁରେ ଦେଖିବାକୁ ମିଳେନା । ସେହିଭଳି ଧଳାରଙ୍ଗ ସବୁରଙ୍ଗର ମିଶ୍ରଣରେ ସୃଷ୍ଟି ହୁଏ । ହେଲେ ଜଳବୁନ୍ଦା ଦେଇ ସୂର୍ଯ୍ୟାଲୋକ ଗତିକଲାବେଳେ ଧଳାରଙ୍ଗ ଅପସାରିତ ହୋଇ ବିଭିନ୍ନ ରଙ୍ଗରେ ପରିଣତ ହୋଇଯାଏ । ତେଣୁ ଧଳାରଙ୍ଗ ଇନ୍ଦ୍ରଧନୁରେ ନ ଥାଏ । ଏହିଭଳି ଆହୁରି ଅନେକ ରଙ୍ଗ ଅଛି ଯାହା କିଛି ରଙ୍ଗର ମିଶ୍ରଣରେ ଉତ୍ପନ୍ନ ହୋଇଥାଏ । ଇନ୍ଦ୍ରଧନୁର ରଙ୍ଗପଟିରେ ସେହି ସବୁ ରଙ୍ଗର ମିଶ୍ରଣ ଘଟୁ ନ ଥିବାରୁ ସେହିସବୁ ରଙ୍ଗ ଇନ୍ଦ୍ରଧନୁରେ ଦେଖିବାକୁ ମିଳେନା ।



# ମୁହଁ ନ ଖୋଲି ବି କରିହେବ କଥାବାର୍ତ୍ତା



ବେଳେବେଳେ ଏମିତି ପରିସ୍ଥିତି ଆସେ ଯେ, ଆପଣ ଜଣଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିବାକୁ ଚାହୁଁଥିବେ, ହେଲେ ପାଖରେ ଅନ୍ୟ ଲୋକ ଥିବାରୁ କହିପାରୁ ନ ଥିବେ । ଏମିତିରେ ଭାରି ବ୍ୟସ୍ତ ଲାଗେ । କଥା ଜରୁରୀ ହୋଇଥିଲେ ବି କହି ହେବ ନାହିଁ । ଏଭଳି ସ୍ଥିତିକୁ ନଜରରେ ରଖି ମାସାଚୁସିଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଜଣେ ଅନୁସନ୍ଧାନକର୍ତ୍ତା ତିଆରି କରିଛନ୍ତି ଏଭଳି ଏକ ଡିଭାଇସ୍ ଯେଉଁଥିରେ ଆପଣ ପାଟି ନ ଖୋଲି ଅନ୍ୟ ଜଣଙ୍କ ସହ କଥା ହୋଇପାରିବେ । ଅର୍ଥାତ୍ ଏହି ଡିଭାଇସ୍ ଦ୍ୱାରା ପାଖପାଖି ଦୁଇଜଣ ବ୍ୟକ୍ତିଙ୍କ ମନର କଥାକୁ ଉଭୟେ ଜାଣିପାରିବେ । ଏହି ମେସିନ ମସ୍ତିଷ୍କ ପଢି ନ ଥାଏ ବରଂ ସବ୍‌ଭୋକାଲାଇଜେସନ୍ ଆଧାରରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବାର୍ତ୍ତା ସଂଚାର କରିବ । ସାଧାରଣତଃ ଆମେ ଯେତେବେଳେ କୌଣସି ଶବ୍ଦକୁ ମସ୍ତିଷ୍କରେ ଭାବୁ ସେହି ସମୟରେ ଆମ ପାଟିରେ ବହୁତ ଛୋଟ ଓ ଅଦୃଶ୍ୟ ମୁଭମେଣ୍ଟ ହୋଇଥାଏ । ଯାହାକୁ ସବ୍‌ଭୋକାଲାଇଜେସନ୍ କୁହାଯାଏ । ଅର୍ଥାତ୍ ଯଦି କେହି ମନ ଭିତରେ ବା ଆନ୍ତରିକଭାବେ କୌଣସି ଶବ୍ଦ କହିବାକୁ ଚେଷ୍ଟା କରନ୍ତି ସେତେବେଳେ ଚେହେରାର ତଳଭାଗ ଏବଂ ବେକର ତ୍ୱଚାରେ ଯେଉଁ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି ହୁଏ ତାକୁ ଉକ୍ତ ହେଡସେଟ୍ ପରି ପିନ୍ଧାଯାଉଥିବା ଯନ୍ତ୍ର ମାଧ୍ୟମରେ ପଢି ହେବ । ଆଉ ଜାଣିହେବ ଶବ୍ଦଟି କଣ । ଏହି ଯନ୍ତ୍ରର ନାମ ହେଉଛି 'ଅଲ୍ଟରଇଗୋ' ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ନାମ୍ ମେଁ କ୍ୟା ରଖା ହୈ

ନାଆରେ ଅଛି 'ନାଁ' ଦେବେ ଓଡ଼ିଆ, ଡାକିବେ ବଙ୍ଗାଳି । ଜନ୍ମବେଳେ ବାଛି ବାଛି ପିଲାର ଯେଉଁ ସୁନ୍ଦର ନାଁଟି ରଖିଥିବେ ପ୍ରଥମେ ନିଜ ଲୋକ ତାକୁ ଅତି ସ୍ନେହରେ ଏମିତି ଡାକିବେ ଯେ ପିଲାଟି ବଡ଼ ହେଲା ପରେ ସାଙ୍ଗସାଥୀମାନଙ୍କ ଗହଣରେ ହାସ୍ୟାସ୍ପଦ ହୁଏ । ଥରେ ଗୋଟେ ଖବରକାଗଜରେ ଏକ ଖବର ବାହାରିଥିଲା । ପିଲାର ପ୍ରକୃତ ନାଁ ଥିଲା ଗନ୍ଧର୍ବ । ମାଆ ତାକୁ ସ୍ନେହରେ ଗନ୍ଧିଆ ଡାକୁଥିଲା । ପିଲାଟି ବଡ଼ ହେଲା ପରେ ସାଙ୍ଗସାଥୀଙ୍କ ପାଖରେ ନିଜ ଡାକ ନାଁକୁ ନେଇ ବଡ଼ ଲଜ୍ଜିତ ହେଲା । କାଳକ୍ରମେ ଗନ୍ଧର୍ବର ବିବାହ ହୁଏ । ଗନ୍ଧର୍ବ ଭାବିଲା ଏହି ଡାକ ନାଁ ଯୋଗୁ ସ୍ତ୍ରୀ, ପିଲା, ସାଙ୍ଗସାଥୀ ବଜାର ଘାଟରେ ନିଇତି ଅପମାନିତ ହେଉଛି । ଏ ସବୁର ମୂଳ ହେଲା ତା' ମାଆ । ଏଥିପାଇଁ ସେ ଜୀବନ ବ୍ୟାପୀ କେବେ ତା' ମାଆକୁ କ୍ଷମା କଲାନାହିଁ । ଘଟଣାକ୍ରମେ ଏବେ ତା' ଜନ୍ମ କଲା ମାଆ ବୃଦ୍ଧାଶ୍ରମରେ ।

ସେକ୍ସପିଅର କହିଥିଲେ, ନାଁରେ କ'ଣ ଅଛି । ସେ ବୋଧେ ଜାଣି ନ ଥିଲେ ନାଁରେ ହିଁ ସବୁ ଅଛି । ଗୋଟିଏ ରକ୍ତ ମାଂସରେ ଗଢ଼ା ମଣିଷ କେବଳ ନାଁ ଯୋଗୁ ହିନ୍ଦୁ କି ମୁସଲମାନ ଜାଣି ହେଉଛି । ନିଜର ପଛେ କିଛି ନ ଥାଉ ହେଲେ ବାପ ଅଜାଙ୍କ ନାଁ ନେଇ ଅନେକ ଲୋକ ଗୁଡ଼ାଏ ସୁବିଧା ହାତେଇ ନେଉଛନ୍ତି । ଏମିତି ଉଦାହରଣ ଦେଉଥିଲେ ରାତି ପାଇଯିବ, କଥା ସରିବନି ।

ଥରେ ସ୍ୱର୍ଗରେ ଦେବତାମାନେ ମନଦୁଃଖରେ ରାଜା ଇନ୍ଦ୍ରଙ୍କ ପାଖରେ ଅଭିଯୋଗ କଲେ। ଦେବଭୂମି ଭାରତରେ ସମସ୍ତେ ସେମାନଙ୍କ ପିଲାଙ୍କ ନାମକରଣ ବେଳେ ହାତଗଣତି ଦେବଦେବୀଙ୍କ ନାମ ଅନୁସାରେ ନାମ ରଖୁଛନ୍ତି । ଆଶା ଥିଲା ନୂଆ ସରକାର ଆସିଲେ ଅଲୋଡ଼ା ହୋଇଯାଇଥିବା ଦେବଦେବୀଙ୍କୁ ଉଚିତ ସମ୍ମାନ ମିଳିବ । ନିତି ଦେଶର ଭବନ, ଉଦ୍ୟାନ, ଯୋଜନା ଫୋଜନା, ରାସ୍ତାଘାଟ ସବୁର ନାଁ ବଦଳା ଯାଉଛି। ହେଲେ କ'ଣ ହେବ ସେମାନେ ଯେଉଁ ଅବହେଳିତକୁ ସେଇ ଅବହେଳିତ। ତେଲିଆ ମୁଣ୍ଡରେ ତେଲ ଢାଳିଲା ଭଳି ବହୁଳ ପ୍ରସାରିତ ଦେବଦେବୀଙ୍କ ନାଁ ହିଁ ରଖାଯାଉଛି । ଦେବଭୂମିର ଭବିଷ୍ୟତ ବଂଶଧରମାନଙ୍କ ସ୍ମୃତିରେ ସେମାନଙ୍କ ଅସ୍ତିତ୍ୱ ନାହିଁ କି ଆଗକୁ ରହିବନି ।

ଚିନ୍ତିତ ଇନ୍ଦ୍ର ବୁଝେଇଲେ, ଏବେ ଦେବଭୂମିରେ ଦେଶ ନାଁ ବଦଳା କାମରେ ସରକାର ବ୍ୟସ୍ତ ଅଛନ୍ତି । ଦେଶ ଝମେଲା ସରିଲେ ମୁଁ ନିଜେ ସେଠିକା ମୁଖ୍ୟଙ୍କ ସହ ଶିଖର ବାର୍ତ୍ତା କରି ବହୁଳ ବ୍ୟବହୃତ ଦେବଦେବୀଙ୍କ ନାମ ଉପରେ ପ୍ରତିବନ୍ଧକ ଲଗେଇବା ସହ ସରକାରୀ ନାମକରଣ ହେଉ କି କୌଣସି ପିଲା ଜନ୍ମ ହେଉ ବାକି ତେତିଶ କୋଟି ଦେବ ଦେବୀଙ୍କ ନାମ ମଧ୍ୟରୁ ନିଜ ପସନ୍ଦ ଅନୁଯାୟୀ ନାମ ରଖିବାକୁ ଆଇନ ପ୍ରଣୟନ କରିବା ପାଇଁ ପ୍ରସ୍ତାବ ରଖିବି । କିନ୍ତୁ ତା' ପୂର୍ବରୁ ଆପଣମାନଙ୍କ ଆଧାର କାର୍ଡ ତିଆରି ସହ ଅକ୍ଷର କ୍ରମ ଅନୁଯାୟୀ ତେତିଶ କୋଟି ଦେବତାଙ୍କ ଡାଟା ପ୍ରସ୍ତୁତ କରିବାକୁ ହେବ ।

ଏବେ ଦିନେ ରାସ୍ତାରେ ଦୁଇଜଣ ଝଗଡ଼ା କରୁଥିଲାବେଳେ ଜଣେ ରାଗିକି କହିଲା, ମୁଁ ଯଦି ମିଛୁଆ ପ୍ରମାଣିତ ହୁଏ ତେବେ ମୋ ନାଁରେ କୁକୁର ପାଳିବୁ । ମୋତେ ପଚାରିବାକୁ ଇଚ୍ଛା ହେଉଥିଲା, ଆଜ୍ଞା କହିବା ପୂର୍ବରୁ କୁକୁରକୁ ହେଲେ ଟିକେ ପଚାରିଥାନ୍ତେ ଆପଣଙ୍କ ନାଁ, ତା'ର ପସନ୍ଦ କି ନୁହେଁ। ଏବେ କୁକୁରଙ୍କ ନାଁ ଶୁଣିଲେ ତାକୁ କୁକୁର ବୋଲି କହିବାକୁ ସଂକୋଚ ଲାଗୁଛି। କୁକୁରଙ୍କ ଇଂଲିଶ ନାଁ ଶୁଣିଲେ ଦେଶୀ ଛୁଆ ଲାଜେଇ ଯାଉଛନ୍ତି । ତେଣୁ ଭବିଷ୍ୟତରେ 'ମୋ ନାଁରେ କୁକୁର ପାଳିବୁ' କହିବା ପୂର୍ବରୁ ନିଜ ନାଁ ବଦଳେଇ କୁକୁରଙ୍କ ନାମ ଭଳି ସୁନ୍ଦରିଆ ଇଂଲିଶ ନାଁ ରଖ, ନଚେତ୍ କୁକୁରଙ୍କ ଦ୍ୱାରା ଆପଣଙ୍କ ନାମ ପ୍ରତ୍ୟାଖ୍ୟାତ ହୋଇ ବେଇଜ୍ଜତ ହେବା ଥୟ ।

ଥରେ ଗୋଟେ ପିଲାକୁ ତା' ନାଁ ପଚାରିଲି । ସେ ଯେଉଁ ନାଁ କହିଲା ସେମିତି ନାଁ ମୁଁ କେବେ ଶୁଣି ନ ଥିଲି । ଆଗ୍ରହରେ ପଚାରିଲି ଏ ନାଁର ଅର୍ଥ କ'ଣ । ପିଲାଟି କହିଲା, କେବଳ ଦକ୍ଷିଣ ଭାରତର ପାହାଡ଼ିଆ ଅଞ୍ଚଳରେ ହଜାରେ ବର୍ଷରେ ଥରେ ଫୁଟୁଥିବା ଗୋଟେ ଫୁଲର ନାଁ । ଇଚ୍ଛା ହେଉଥିଲା ସେ ପିଲାର ବାପା ମା'ଙ୍କ ଚରଣ ସ୍ପର୍ଶ କରିବାକୁ । ଗାନ୍ଧୀଙ୍କଠାରୁ ନେଇ ବଡ଼ ବଡ଼ ଭାଷାବିତ୍‌ମାନଙ୍କ ଜୀବନ ଚାଲିଗଲା ପଛେ ଦେଶର ଉତ୍ତର-ଦକ୍ଷିଣ ଭାଷାର ଏକତା ହୋଇପାରିଲା ନାହିଁ। ଯାହା ଦେଶର ସରକାର କରିପାରିନାହାନ୍ତି ତାହା ଏ ମାତା ପିତା କରି ଦେଖେଇଦେଲେ । ଏହାକୁ ଅନ୍ୟମାନେ ଅନୁକରଣ କରିବା ଉଚିତ । ଯଦି ଓଡ଼ିଆମାନେ ସେମାନଙ୍କ ପିଲାଙ୍କ ନାମ ମିଜୋରାମ




ଭାଷାରେ, କଶ୍ମୀର ଛୁଆର ନାମ କେରଳ ଭାଷାରେ ଭଳି ଦେଶର ଗୋଟିଏ ରାଜ୍ୟର ପିଲାଙ୍କ ନାମ ଅନ୍ୟ ରାଜ୍ୟର ଭାଷା ଅନୁସାରେ ରଖାଯାଏ, ତେବେ ଦେଶର ଏକତା ହେଉ କି ନ ହେଉ ଭାଷା ଏକତା ହେବା ନିଶ୍ଚିତ ।

ସେମିତି ଆଉ ଥରେ ଗୋଟେ ପିଲାର କିମ୍ଭୁତକିମାକାର ନାଁ ଶୁଣି ମୁଁ ତିନିଟା ଅଭିଧାନ ଖୋଜିଲା ପରେ ବି ନିରାଶ ହେଲି । ପରେ ସେ ପିଲାର ବାପାଙ୍କୁ ପଚାରିବାରୁ ସେ କହିଲେ, ଏ ନାଁର କିଛି ଅର୍ଥ ନାହିଁ କିମ୍ବା ଯଦି ବି ଥାଏ ତେବେ ମୋତେ ଜଣାନାହିଁ । କାନକୁ ଭଲ ଶୁଣାଗଲା, ଅକ୍ଷରକୁ ଅକ୍ଷର ମିଶିଲା, ତେଣୁ ରଖିଦେଲି । ମୁଁ କହିଲି, ଭାଇରେ ତୋ ଗୋଡ଼ ଧରୁଛି, ବେକରେ ଆଇ କାର୍ଡ ଝୁଲେଇଲା ଭଳି ଗୋଟେ କାଗଜରେ ଏତକ ଲେଖି ତୋ ଛୁଆ ବେକରେ ଶୀଘ୍ର ଝୁଲା । ନଚେତ୍ ପ୍ରତିଦିନ ମୋ ଭଳି କେତେଲୋକ ଖାଳ ନାଳ ହୋଇ ଅଭିଧାନ ଖୋଜୁଥିବେ ।

ଆଗକାଳରେ ନାଁର ଅର୍ଥ ପାଇଁ କାହାକୁ ଭାଷାକୋଷ ଅଣ୍ଡାଳିବାକୁ ପଡୁ ନ ଥିଲା । ସୀତା, ଗୀତା, ମିତା ଓ ରାମ, ହରି, ଶ୍ୟାମ ଭଳି ସହଜିଆ ନାଁରେ ଗାଁର ଅଧା ଲୋକ ପରିଚିତ ଥିଲେ । କିନ୍ତୁ ଡିଜିଟାଲ ଯୁଗରେ ଲୋକଙ୍କ ଅଭ୍ୟାସ ବି ବଦଳି ଗଲାଣି । ଏବେ ଛୁଆ ଜନ୍ମ ହେବା ପୂର୍ବରୁ ଲୋକ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପିଲାର ନାଁ ବାଛିବାକୁ ବନ୍ଧୁମାନଙ୍କୁ ଆଗୁଆ ପଚାରୁଛନ୍ତି । ବନ୍ଧୁମାନେ ମଧ ଅ ରୁ କ୍ଷ ପର୍ଯ୍ୟନ୍ତ ଅକ୍ଷର ଅନୁଯାୟୀ ନାଁର ପ୍ରସ୍ତାବ ରଖୁଛନ୍ତି । କେହି କେହି ଏପରି ନାଁର ପ୍ରସ୍ତାବ ରଖୁଛନ୍ତି, ଦେଖିଲେ ଲାଗିବ ଯେମିତି ଏହି ଲୋକ ଭାଷା ବିଜ୍ଞାନରେ ପିଏଚ.ଡି. ସାରି ସମ୍ପ୍ରତି 'ନାମ ଅନୁସନ୍ଧାନ କେନ୍ଦ୍ର'ର ନିର୍ଦ୍ଦେଶକ ଅଛନ୍ତି । ପିଲା ପେଟରେ ତିନି ମାସର ହେଉଣୁ ନାଁ ଖୋଜିବା ପାଇଁ ମାତାପିତାଙ୍କ ବ୍ୟଗ୍ରତା ଦେଖିଲେ ମୁଁ ଭାବେ ଯଦି ପିଲାର ନାଁ ପାଇଁ ଏତେ କଷ୍ଟ କରୁଛନ୍ତି ତେବେ ପିଲା ହେବା ପାଇଁ ସ୍ୱାମୀ ସ୍ତ୍ରୀଙ୍କୁ କେତେ ପରିଶ୍ରମ କରିବାକୁ ପଡି ନ ଥିବ!

ଦକ୍ଷିଣ ଭାରତରେ ନାଁରୁ ତାଙ୍କ ବଂଶାବଳୀ ଜଣାପଡ଼େ । ପଞ୍ଜାବୀଙ୍କୁ ନାମ ପାଇଁ ବେଶି କଷ୍ଟ କରିବାକୁ ପଡ଼େ ନାହିଁ । ସନ୍ତୋଷ ସିଂ ପୁଲିଙ୍ଗ ସନ୍ତୋଷ କୌର ସ୍ତ୍ରୀ ଲିଙ୍ଗ । ଓଡ଼ିଆମାନଙ୍କ ଆହୁରି ସହଜ । ନାଁ ଶେଷରେ ଖାଲି ଦୀର୍ଘଇଟିଏ ଯୋଡ଼ିଦେଲେ ସନ୍ତୋଷ ପୁରୁଷରୁ ସ୍ତ୍ରୀ ହୋଇଯାଏ ।

କିଛି ଲୋକଙ୍କ ବିଶ୍ୱାସ ସେମାନଙ୍କ ନାଁ ସହ ଆଉ କିଛି ଅକ୍ଷର ଯୋଡ଼ିଲେ କି କାଟି ଛୋଟ କରିଦେଲେ ସେମାନଙ୍କ ଭାଗ୍ୟ ବଦଳିଯିବ । ଏବେ ଦେଶର ନାଁ ବଦଳିବା ପାଇଁ ଚେଷ୍ଟା ଚାଲିଛି । ଦେଖାଯାଉ ଯଦି ଏହାଦ୍ୱାରା ଦେଶର ଭାଗ୍ୟ ବଦଳିଯାଏ, ବିଶ୍ୱ ଅର୍ଥନୀତିରେ ମାନ୍ଦା ଅବସ୍ଥା ଅବ୍ୟାହତ ଥିଲା ବେଳେ, ଦେଶର ଲକ୍ଷ ଲକ୍ଷ ଶିକ୍ଷିତ ଯୁବକ ନିଜର ଅନିଶ୍ଚିତ ଭବିଷ୍ୟତ ନେଇ ସନ୍ଦିହାନ ଥିଲାବେଳେ, ଦରଦାମ୍ ବୃଦ୍ଧିରେ ଜନସାଧାରଣ ସିଝୁଥିଲା ବେଳେ, ତିରିଶ ଭାଗ ଲୋକ ଦିନକୁ ଦୁଇଗଣ୍ଡା ଖାଇବାକୁ ପାଉ ନ ଥିଲା ବେଳେ, ବାହ୍ୟଋଣରେ ଅର୍ଥନୀତି ଭାରଗ୍ରସ୍ତ ଥିଲା ସମୟରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚରେ ହଠାତ୍ ଦେଶର ନାଁ ବଦଳେଇବା କ'ଣ ଏମିତି ଜରୁରୀ ଆବଶ୍ୟକ ହେଲା ଜଣାପଡୁନି । ଯଦି ଦେଶର ନାଁ ବଦଳିଗଲେ ଏ ସବୁ ସମସ୍ୟା ବଦଳିଯିବ ତେବେ ବଦଳିବା ନିଶ୍ଚିତ ସ୍ୱାଗତଯୋଗ୍ୟ । ନଚେତ୍ ଏ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ 'ସେଇ ଜିନିଷ ସେଇ କାମ, ଏବେ କିନ୍ତୁ ନୂଆ ନାମ' ନାରାରେ ସୀମିତ ରହିଯିବ । ବଡ଼ ବିଷମ ପରିସ୍ଥିତି ଏବେ ଦେଶରେ। ଇଣ୍ଡିଆକୁ ଭାରତ ପସନ୍ଦ ନୁହେଁ , ଭାରତକୁ ଇଣ୍ଡିଆ ପସନ୍ଦ ନାହିଁ ।

ଗତକାଲି ଗନ୍ଧର୍ବ ଓରଫ ଗନ୍ଧିଆକୁ ଦେଖିଲି । ଦେଶ ନାଁ ବଦଳ ସପକ୍ଷରେ ଆୟୋଜିତ ଏକ ରାଲି ଆଗରେ ସ୍ଲୋଗାନ ଦେଇ ଯାଉଥିଲା । ପାଖକୁ ଡାକି ପଚାରିଲି "ତୁ ନେତା ହେଲୁଣି । ଖାସ୍ ସେଇ ନାଁ ଯୋଗୁ ମାଆ ଉପରେ ରାଗି ତାକୁ ବୃଦ୍ଧାଶ୍ରମରେ ଛାଡ଼ିଲୁ । ଏବେ ତ ନିଜ ନାଁଟା ବଦଳେଇ ଦେ।" ଗନ୍ଧର୍ବ କହିଲା "କ'ଣ କହିବି ଭାଇ, ଲୋକଙ୍କୁ ବୁଝେଇ ବୁଝେଇ ଥକି ଗଲିଣି । ଆଗରୁ ଗନ୍ଧର୍ବରୁ ଗନ୍ଧିଆ ଥିଲି, ଏବେ କିଛି ଲୋକ ଗନ୍ଧିଆ ଛାଡ଼ି ଗାଣ୍ଠୁବାବୁ ଡାକିଲେଣି । ଲାଗୁଛି ମଲା ପର୍ଯ୍ୟନ୍ତ ମୋ ନାଁ ଆଉ ବଦଳିବ ନାହିଁ।" ତା' କଥା ଶୁଣି ମୁଁ କହିଲି ଯଦି ତୋ ନିଜ ନାଁ ବଦଳେଇବାକୁ ତୋର ତାକତ ପାଉନି ତେବେ ଦେଶ ନାଁ କ'ଣ ବଦଳେଇବୁ? ସେ ବିରକ୍ତ ହୋଇ କହିଲା "ଦେଖିବ ଭାଇ ତୁମର ଏଇ ଚୂନ ମରା କଥା ପାଇଁ ଦିନେନା ଦିନେ ତୁମେ ଭଲ କି ନାମ ନେବ ।"

-ବନମାଳୀ ଭବନ, ଖାନନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଭାବରୂପ

**ନିବନ୍ଧ ସଂକଳନ, ଲେଖକ - ପବିତ୍ର ମୋହନ ଦାଶ**
**ପ୍ରକାଶକ - ଅଦିତି ,କଟକ, ମୂଲ୍ୟ- ନବେ ଟଙ୍କା ମାତ୍ର**

'ଭାବରୂପ' କବି ପବିତ୍ର ମୋହନ ଦାଶଙ୍କ ଦ୍ୱାରା ରଚିତ ଏକୋଇଶଟି ନିବନ୍ଧର ସମାହାର। ଅଦିତି ପ୍ରକାଶନ ଦ୍ୱାରା ପ୍ରକାଶିତ ଏ ପୁସ୍ତକରେ ପରିବର୍ତ୍ତିତ ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକ ପରିସ୍ଥିତିରେ ସର୍ଜନର ରୂପରେଖ କିପରି ହେବ ତାହା ପ୍ରତିଫଳିତ ହୋଇଛି। କବିତା କିପରି ଦୁଃଖ ବୋଧର ଭିତ୍ତି ଉପରୁ ଆନନ୍ଦ ବୋଧ ଆଡ଼କୁ ଇଙ୍ଗିତ କରିବ ତାହା ଅନେକତ୍ର ଆଲୋଚିତ ହୋଇଛି। କବିତାର ଅଙ୍ଗ ଓ ଆତ୍ମା ଭିତରେ ଥିବା ଏକତ୍ୱ





ବିଷୟରେ ଏଥିରେ ସୂଚନା ଦିଆଯାଇଛି। ସଚେତନ କାରିଗରୀ କିପରି ସମ୍ଭବ ତାହା କୁହାଯାଇଛି। ମୁହୂର୍ତ୍ତର ସୀମାନ୍ତରେ ଥିବା ବିସ୍ମୟ ବିଷୟରେ ଏଥିରେ ସୂଚନା ଦିଆଯାଇଛି। ସୂକ୍ଷ୍ମତମ କଳାରୂପେ କବିତାର ଧାରଣ କ୍ଷମତା କିପରି ବଢ଼ିବ ତାହା କୁହାଯାଇଛି । ମୋଟାମୋଟି ନିବନ୍ଧଗୁଡିକ ସର୍ଜନର ବିଭିନ୍ନ ବିଭାଗ ଉପରେ ଆଲୋକପାତ କରିଛି ।

### ଭାରତର ବରପୁତ୍ର ଅବଦୁଲ୍ କଲାମ

**ଦେବୀ ପ୍ରସାଦ ମହାପାତ୍ର, ପ୍ରକାଶକ-ସର୍ଜନା, ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ, ବ୍ରହ୍ମପୁର(ଗଞ୍ଜାମ)-୩, ମୂଲ୍ୟ-୬୦ଟଙ୍କା**

ପୃଥିବୀର ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ତଥା ମିସାଇଲ ମ୍ୟାନଭାବେ ଡକ୍ଟର ଏପିଜେ ଅବ୍ଦୁଲ କଲାମ ପରିଚିତ ଥିଲେ। ଏଥିରେ ଲେଖକ ତାଙ୍କ ଜନ୍ମରୁ ଆରମ୍ଭ କରି ଜୀବନର ବିଭିନ୍ନ ଘଟଣା ଉପରେ ଆଲୋକପାତ କରିଛନ୍ତି। ଲେଖକ କହିଛନ୍ତି, ଏପିଜେ ଅବ୍ଦୁଲ କଲାମ ରାଷ୍ଟ୍ରପତି ଥିବା ବେଳେ ୨୦୦୬, ଜୁଲାଇ




୨ରେ ବ୍ରହ୍ମପୁର ଗସ୍ତରେ ଆସିବାକୁ ସ୍ଥିର ହୋଇଥିଲା। କିନ୍ତୁ କୋହଲା ପାଗ ଯୋଗୁ ନିର୍ଦ୍ଧାରିତ ଦିନ ସଭା ନ ହୋଇ ଜୁଲାଇ ୩ରେ ସଭା ହୋଇଥିଲା। ସେହି ପ୍ରାଜ୍ଞ ପୁରୁଷଙ୍କୁ ନିକଟରୁ ଦେଖିବା ଏବଂ ତାଙ୍କଠାରୁ କିଛି ଶୁଣିବାକୁ ସଭାସ୍ଥଳରେ ମୁଁ ଉପସ୍ଥିତ ଥିଲି। ସେଦିନ ଡକ୍ଟର କଲାମଙ୍କ କଥା ଶୁଣିବା ପରେ ମୋ ମନ ଭିତରେ ଇଚ୍ଛା ହୋଇଥିଲା ତାଙ୍କ ବିଷୟରେ ଲେଖିବାକୁ। ଯାହା ଆଜି ପୁସ୍ତକ ଭାବେ ପ୍ରକାଶିତ ହୋଇଛି । ପୁସ୍ତକଟିରେ ଲେଖା ସହ ଅନେକ ଉପାଦେୟ ଫଟୋ ମଧ୍ୟ ରହିଛି।

### ଏକାୟନ

**ପ୍ରକ୍ରିୟାନିଷ୍ଠ ସାହିତ୍ୟ ବିଦ୍ୟା, ଲେଖକ - ଶୈଳଜ ରବି**
**ପ୍ରକାଶକ - ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ମୂଲ୍ୟ- ଟ ୩୮୫/ ମାତ୍ର**

'ଏକାୟନ' ପ୍ରବନ୍ଧ ସଂକଳନଟି ସାହିତ୍ୟ ଓ ସଂସ୍କୃତିର ଅନନ୍ୟ ପଣକୁ ଦର୍ଶାଉଥିବା ଏକ ଅନବଦ୍ୟ ପ୍ରବନ୍ଧ ସଂକଳନ। ଗାନ୍ଧୀ ବିଚାରରେ ବିଶ୍ୱାସ କରୁଥିବା ବିଖ୍ୟାତ କବି,ସାମାଜିକ କର୍ମୀ ଶୈଳଜ ରବିଙ୍କର ଏହା ପ୍ରଥମ ପ୍ରବନ୍ଧ ସଂକଳନ। ଦୁଇ ଭାଗରେ ବିଭକ୍ତ ହୋଇଥିବା ଏହି ପ୍ରବନ୍ଧ ସଂକଳନଟିର ପ୍ରଥମ ଭାଗରେ ରହିଛି କଳା ସାହିତ୍ୟ ସମ୍ପର୍କରେ




କିଛି ତାତ୍ତ୍ୱିକ ଆଲୋଚନା ଓ ଦ୍ୱିତୀୟ ଭାଗରେ ରହିଛି କେତେକ ଆଧୁନିକ ମୂର୍ଦ୍ଧନ୍ୟ କବି, କଥାକାର ଓ ପ୍ରାବନ୍ଧିକଙ୍କ ସାହିତ୍ୟ ଆଲୋଚନା। ପାଠକ ମନରେ ବୈଚାରିକ ଆଲୋଡନ ସୃଷ୍ଟି କରିବା ପ୍ରବନ୍ଧଗୁଡ଼ିକର ମୂଳ ଲକ୍ଷ୍ୟ। ଯାହା ଉଭୟ ଲେଖକ ଓ ପାଠକଙ୍କୁ ଅଧିକ ଦାୟିତ୍ୱବାନ କରାଇବ। ସଂକଳନଟି ସାହିତ୍ୟ କ୍ଷେତ୍ରରେ ଆଲୋଡନ ସୃଷ୍ଟି କରିବ ବୋଲି ବିଶ୍ୱାସ।



# ଚେହେରାକୁ କରିବ ୟଙ୍ଗ

ବଡି ଫିଟ୍‌ନେସ୍ ପାଇଁ ଜୁମ୍ବା, ଟିଆର୍‌ଏକ୍ସ, କିକ୍‌ବକ୍ସ ଆଦି କରାଯାଉଥିବା କଥା ଶୁଣିଥିବେ। ହେଲେ କେବେ ପାଓ ଫେସିଆଲ୍ ଫିଟନେସ୍ କଥା ଶୁଣିଛନ୍ତି? ହୁଏତ ଶୁଣି ନ ଥିବେ। ଏହା ହେଉଛି ଜାପାନରେ ତିଆରି ଏକ ଯନ୍ତ୍ର, ଯାହା ଚେହେରାକୁ ଯୁବା ବା ୟଙ୍ଗ ରଖିବାରେ ବେଶ୍ ସହାୟକ ହୋଇପାରେ। ଏହା ଏମିତି ଏକ ଯନ୍ତ୍ର ଯାହାକୁ ପାଟିରେ ରଖିବାକୁ ହୁଏ। ପରେ ସୁଇଚ୍ ଟିପିଲେ ଉକ୍ତ ଯନ୍ତ୍ରରରେ ଥିବା ଦୁଇଟି ଡେଣା ଉପର ତଳ ହେବାକୁ ଲାଗେ। ଯଦ୍ୱାରା ଚେହେରା ମାଂସପେଶୀର ବ୍ୟାୟାମ ହୋଇଥାଏ। ଚେହେରାରେ ପ୍ରାୟ ୪୦ଟି ମାଂସପେଶୀ ଅଛି। ତେବେ ସେଥିରୁ ୭୦% ମାଂସପେଶୀର ବ୍ୟବହାର ଆମ ଦୈନନ୍ଦିନ ଜୀବନରେ ହୋଇ ନ ଥାଏ। ତେଣୁ ଯେଉଁ ମାଂସପେଶୀର ବ୍ୟବହାର ହୋଇ ନ ଥାଏ, ତାହା କ୍ରମେ ଦୁର୍ବଳ ହୋଇ ଝୁଲିଯାଏ। ଆଉ ଏହି ଯନ୍ତ୍ର ଦ୍ୱାରା ସେହି ମାଂସପେଶୀଗୁଡିକର ବ୍ୟାୟାମ ହୋଇଯିବ। ଫଳରେ ଚେହେରା ଯୁବା ରହିବ। ପାଓ ଫେସିଆଲ ଫିଟନେସ୍ ଯନ୍ତ୍ରକୁ ବ୍ୟବହାର କରିବା ବି ବହୁତ ମଜାଦାର। ତେଣୁ ଏହାକୁ ଯେ କେହି ବ୍ୟବହାର କରିବାକୁ ଚାହିଁବେ।





# ହାଇଡ୍ରୋମ୍ୟାନ

ପାଣି ଭିତରେ ଅଳ୍ପ କିଛି ସମୟ ରହିବା ବି ମୃତ୍ୟୁର ନିକଟତର ହେବା ଭଳି ଅନୁଭୂତ ଦିଏ। କିନ୍ତୁ ଜଣେ ଯୁବକ ପାଣି ଭିତରେ ଅନେକ ସମୟ ରହି ତା' ଭିତରେ ଡ୍ୟାନ୍ସ କରୁଛନ୍ତି, କ୍ରିକେଟ୍ ଖେଳୁଛନ୍ତି, ମାଇକେଲ ଜ୍ୟାକ୍ସନଙ୍କ ପରି ମୁନ୍‌ୱାକ ବି କରିପାରୁଛନ୍ତି। ପାଣି ଭିତରେ ଏଭଳି ଚକିତ ହେବାଭଳି କାର୍ଯ୍ୟ କରୁଥିବାରୁ ସେ ଏବେ 'ହାଇଡ୍ରୋମ୍ୟାନ' ଭାବେ ବେଶ୍ ପରିଚିତ। ସେ ହେଉଛନ୍ତି ରାଜକୋଟର ୨୮ ବର୍ଷୀୟ ଜୟଦୀପ ଗୋହିଲ। ଆଜିକାଲି ଜୟଦୀପ ସୋସିଆଲ ମିଡ଼ିଆରେ ତାଙ୍କ ଭିଡ଼ିଓଗୁଡ଼ିକ ବେଶ୍ ଭାଇରାଲ ହେଉଛି। ତାଙ୍କ ଭିଡ଼ିଓଗୁଡ଼ିକରେ ସେ କେବେ ପାଣି ଭିତରେ ସିଧା ସିଧା ଚାଲୁଥିବା ଦେଖିବାକୁ ମିଳନ୍ତି, ତ କେବେ ଓଲଟା ଅର୍ଥାତ୍ ଗୋଡ଼ ଉପରକୁ କରି ହାତରେ ଚାଲନ୍ତି। କେବେ ମାଇକେଲ ଜ୍ୟାକ୍ସନଙ୍କ ସଙ୍ଗୀତରେ ନୃତ୍ୟ କରନ୍ତି ଓ ମୁନ୍ ୱାକ କରନ୍ତି। ପୁଣି କେବେ ପାଣି ଭିତରେ ହିପ୍‌ହପ୍, ବ୍ରେକଡ୍ୟାନ୍ସ, କନଟେମ୍ପରାରୀ ଡ୍ୟାନ୍ସ ତ ଆଉ କେବେ କ୍ରିକେଟ୍ ବି ଖେଳନ୍ତି। ଆଉ ଏସବୁ ସେ ଅକ୍ସିଜେନ୍ ସିଲିଣ୍ଡରର ବିନା  କରନ୍ତି। ତଥାପି ପାଣି ଭିତରେ ଏସବୁ ଷ୍ଟଣ୍ଟକୁ ଏତେ ସରଳ ଓ ସହଜଭାବେ କରନ୍ତି ଯେ, ସେ କରୁଥିବା ସବୁ କାର୍ଯ୍ୟ ବେଶ ସହଜ ପରି ଲାଗେ। ତେବେ ଜୟଦୀପ ପାଣି ଭିତରେ କରୁଥିବା ଏହି ଆଶ୍ଚର୍ଯ୍ୟଜନକ ଷ୍ଟଣ୍ଟ କରିବା ଲାଗି ପୂର୍ବରୁ ଅନେକ ଅଭ୍ୟାସ କରିଛନ୍ତି। ଦୀର୍ଘ ୧୦ ବର୍ଷର ଅଭ୍ୟାସ ପରେ ଯାଇ ଆଜି ସେ ଏତେ ସହଜତାର ସହ ଅଣ୍ଡରୱାଟର ଷ୍ଟଣ୍ଟ ସବୁ କରିପାରୁଛନ୍ତି। ଏବେ ସେ ୧୦ ଫୁଟ ଗଭିର ଜଳ ଭିତରକୁ ଯାଇ ୪ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ନିଶ୍ୱାସ ଅଟକାଇ ଅଜବ କାରନାମା ସବୁ କରିପାରୁଛନ୍ତି। ଗଭିର ଜଳ ଭିତରେ ପାଣିର ଚାପ ଅଧିକ ଥାଏ। ଆଉ ପାଣି ଭିତରେ ନୃତ୍ୟ କଲାବେଳେ ପାଣି ବ୍ୟକ୍ତିଙ୍କୁ ଉପରକୁ ଅବା ସାଇଡକୁ ଠେଲିଥାଏ। ଏମିତିରେ ବାଲାନ୍ସ ରଖି ଷ୍ଟଣ୍ଟ କରିବା ବହୁତ କଷ୍ଟକର ହୋଇଥାଏ। ତଥାପି ନିଜର ପ୍ରଚେଷ୍ଟା ବଳରେ ସେ ଖୁବ୍ ସହଜତାର ସହ ଅଣ୍ଡରୱାଟର ଡ୍ୟାନ୍ସ କରିପାରୁଛନ୍ତି। ସେଥିପାଇଁ ତାଙ୍କୁ ଭାରତର ହାଇଡ୍ରୋମ୍ୟାନ କୁହାଯାଉଛି।





# ଲୋଲିତା ପୋଷାକରେ ଯାଆନ୍ତି ଅଫିସ୍

ଚାଇନାର ଡି ଜିଆଙ୍ଗ ଜଣେ ବିବାହିତ ପୁରୁଷ। ବୟସ ତାଙ୍କୁ ୩୬ ବର୍ଷ। ତେବେ ସେ ଅନ୍ୟଙ୍କଠାରୁ ଟିକେ ଭିନ୍ନ। ପ୍ରତିଦିନ ସକାଳୁ ସେ ବି ଅନ୍ୟ ପୁରୁଷଙ୍କ ପରି ଅଫିସ୍ ଯିବାକୁ ପ୍ରସ୍ତୁତ ହୁଅନ୍ତି। ହେଲେ ପ୍ୟାଣ୍ଟ ସାର୍ଟ ପିନ୍ଧି ନୁହେଁ, ବରଂ କାର୍ଟୁନ ଚରିତ୍ର ଲୋଲିତା ପରି ଫ୍ରକ ପିନ୍ଧି। ଆଉ ଦୁଇ ଘଣ୍ଟା ସମୟ ନିଅନ୍ତି ଲୋଲିତା ପରି ମେକ୍‌ଅପ୍ ନେବାକୁ। ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଥାଏ ତାଙ୍କର ରଙ୍ଗିନ ଲମ୍ବା କେଶ। ସେ କେବଳ ନିଜେ ଏଭଳି ଗେଟ୍ ଅପ୍ ନିଅନ୍ତି ତାହା ନୁହେଁ,  ଅଫିସ୍‌ର ସହକର୍ମୀଙ୍କୁ ବି ଏଭଳି ଆସିବାକୁ ପ୍ରବର୍ତ୍ତାଇଥାନ୍ତି। ଡି ଜିଆଙ୍ଗ କୁହନ୍ତି, ମତେ ଲୋଲିତା ଷ୍ଟାଇଲ୍ ଭଲ ଲାଗେ। ସେଥିପାଇଁ ମୁଁ ଲୋଲିତା ଗେଟ୍‌ଅପ୍ ନିଏ। ମୁଁ ଅନେକ ଲୋଲିତା ଷ୍ଟାଇଲ୍ ଫ୍ରକ୍ ବି କିଣିଛି। ତେଣୁ ମୁଁ ସେଗୁଡିକୁ ପିନ୍ଧିବିନି କାହିଁକି? ମୋ ସ୍ତ୍ରୀ ବି ମତେ ସପୋର୍ଟ କରନ୍ତି ଓ ମେକ୍‌ଅପ୍ ଟିପ୍ସ ଦିଅନ୍ତି। ମୋ ମତରେ ପୋଷାକ ପିନ୍ଧିବାର କୌଣସି ଲିଙ୍ଗ ନ ଥାଏ।  ତେଣୁ ଯେତେବେଳେ ମୁଁ ଫ୍ରକ ପିନ୍ଧୁଛି ତାର ଅର୍ଥ ନୁହେଁ ମୁଁ ମହିଳାଙ୍କ ପୋଷାକ ପିନ୍ଧୁଛି। ଡ୍ରେସ୍ କେବଳ ଡ୍ରେସ୍ ଆଉ କିଛି ନୁହେଁ। ଏଭଳି ପୋଷାକ ପିନ୍ଧିବା ଦ୍ୱାରା ମୁଁ ମହିଳାଙ୍କର ଦୈନନ୍ଦିନର ସମସ୍ୟା ଓ ଚ୍ୟାଲେଞ୍ଜକୁ ବି ବୁଝିପାରୁଛି।' ଡି ଜିଆଙ୍ଗଙ୍କ ପାଖରେ ଏବେ ୨୦୦ ଲୋଲିତା ଡ୍ରେସ୍ ଅଛି, ଯାହାର ମୂଲ୍ୟ ୫୫,୦୦୦ ଡଲାର ହେବ।